## ସଂକ୍ଷେପରେ

### କେନ୍ଦ୍ରାପଡ଼ା ଜିଲାରେ ୩୫ କରୋନା ସଂକ୍ରମିତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୩୦।୭:** କେନ୍ଦ୍ରାପଡ଼ା ଜିଲାରେ ୩୫ ଜଣ ନୂତନ କରୋନା ସଂକ୍ରମିତଙ୍କ ଚିହ୍ନଟ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପ୍ରଦତ୍ତ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୪ ଜଣ ସଂକ୍ରମିତଙ୍କ ଚିହ୍ନଟ ହୋଇଛନ୍ତି । ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୭ ଜଣ, ମହାକାଳପଡ଼ାରେ ୪ ଜଣ, ରାଜକନିକା ଓ ଆଳିରେ ୩ ଜଣ ସହ ମାର୍ଶାଘାଇ ଓ ଗରଦପୁର ବ୍ଲକ ଅଞ୍ଚଳରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ଅଦ୍ୟାବଧି ୨୩,୨୭୭ ଜଣ ସଂକ୍ରମିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୨,୫୮୨ ଜଣ ସୁସ୍ଥ ହୋଇଥିବା ବେଳେ ୫୬୪ ଜଣ ଚିକିତ୍ସିତ ହେଉଛନ୍ତି। ଗୁରୁବାର ୨ ଜଣଙ୍କ ମୃତ୍ୟୁକୁ ମିଶାଇ ଅଦ୍ୟାବଧି କୋଭିଡ୍-୧୯ରେ ଜିଲାରେ ମୋଟ ୧୩୦ ଜଣଙ୍କ ମୃତ୍ୟୁ ଘଟିଛି ।

### କେଉପଡ଼ା ମହାଦେବ ମନ୍ଦିରରୁ ଚୋରି

**ବାଲିକୁଦା,୩୦।୭(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ କେଉପଡ଼ା ଗାଁର ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଭିତରେ ପଶି ଠାକୁରଙ୍କ ବିଭିନ୍ନ ସୁନା ଅଳଙ୍କାର ସମେତ ପିତଳ ଜିନିଷ ଚୋରି କରିନେଇଛନ୍ତି ବୋଲି ମନ୍ଦିର ପୂଜକ ନିକଟସ୍ଥ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ମନ୍ଦିରରୁ ମା'ପାର୍ବତୀଙ୍କର ଏକ ସୁନା ହାର, ସିଦ୍ଧେଶ୍ୱର ମହାପ୍ରଭୁଙ୍କ ଏକ କଣ୍ଠି ହାର, ପିତଳର ହାତ ଘଣ୍ଟି, ୨ ଘଣ୍ଟ, ଆଳତି ଦାନୀ, ପିତଳ ଥାଳି, ପିତଳ ଗରା, ଗଡ଼ୁ, ଗାଙ୍ଗୁଲା, ବାଲ୍ଟି ଆଦି ଚୋରି ହୋଇଛି। ଏହାବ୍ୟତୀତ ମନ୍ଦିର ପରିସରରେ ଥିବା ଠାକୁରଙ୍କ ଷ୍ଟୋର ରୁମରୁ ହାରମୋନିୟମ, ମୃଦଙ୍ଗ, ୧୪ ହଳ ଝାଞ୍ଜ, ୧୦ ହଳ ଗିନି, ମାଇକ ମେଶିନ ଆଦି ଚୋରି ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ଫାଣ୍ଡି ଅଧିକାରୀ ମାନସିଂ ହେମ୍ବ୍ରମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଗ୍ରାମ ମୁରବିଙ୍କ ପରଲୋକ

**କେନ୍ଦ୍ରାପଡ଼ା ଅଫିସ, ୩୦।୭:** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତିଖିରୀ ଅମେଇପାଳ ଗ୍ରାମ ମୁରବି ଅଜୟ କୁମାର ସାମନ୍ତରାୟ (୮୩)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମରେ ଅଜୟ ଜମିଦାର ଭାବେ ପରିଚିତ ଅଜୟ ସାମନ୍ତରାୟଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି । ବଡପୁଅ ଦୀପକ ମୁଖାଗ୍ନି ଦେଇଥିଲେ । ଅନ୍ୟ ଦୁଇପୁଅ ଆଶିଷ ଓ ତାପସଙ୍କ ସମେତ ଝିଅଜ୍ୱାଇଁମାନେ ମୃତ୍ୟୁଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ ।

# ୮୦ ଭାଗ ଜମିରେ ରୁଆପୋତା ବନ୍ଦ

**ପଟ୍ଟାମୁଣ୍ଡାଇ,୩୦।୭(ସ୍ୱ.ପ୍ର.)**



■ ବର୍ଷା ଖେଳୁଛି ଲୁଚକାଳି, ଚିନ୍ତାରେ ଚାଷୀକୁଳ
■ କେନାଲରେ ଆସୁନାହିଁ ପାଣି

ଧାରା ଶ୍ରାବଣରେ ବର୍ଷାର ଲୁଚକାଳି ଖେଳ । ଆକାଶରେ ବାଦଲ ଦେଖା ଦେଇ ପୁଣି ମିଳେଇ ଯାଉଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଥିଲା ଲଘୁଚାପ ପ୍ରଭାବରେ ଚଳିତ ବର୍ଷ ଭଲ ବର୍ଷା ହେବ । ଚଳିତ ସପ୍ତାହରେ ଲଘୁଚାପ ପ୍ରଭାବରେ ଯଦିଓ କିଛି ବର୍ଷା ହେଲା ତାହା ରୁଆ,ପୋତା କାମରେ ସହାୟକ ହୋଇପାରି ନାହିଁ । ଚଳିତବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନାବୃଷ୍ଟି କାରଣରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମାତ୍ର ୩୦ ଭାଗ ଜମି କେନାଲ ପାଣି ଦ୍ୱାରା ଜଳସେଚିତ ହୋଇଥାଏ । ଅବଶିଷ୍ଟ ୭୦ଭାଗ ଜମିରେ ଚାଷକାର୍ଯ୍ୟ ବର୍ଷା ଉପରେ ନିର୍ଭର କରିଥାଏ । ଚାଷ ତର ତର ବଣିଜ ମଠ ନ୍ୟାୟରେ ସାମାନ୍ୟ ବର୍ଷାରେ ଯେଉଁ ସବୁ ଖାଲୁଆ ଜମିରେ ପାଣି ଜମି ରହିଥିଲା ସେଥିରେ କୃଷକମାନେ ରୁଆପୋତା କାମ ଆରମ୍ଭ କରିଦେଇଛନ୍ତି । ତେବେ ଏବେ ସୁଦ୍ଧା ମାତ୍ର ୨୦ ଭାଗ ଜମିରେ ରୁଆପୋତା କାର୍ଯ୍ୟ ହୋଇଥିବାବେଳେ ପ୍ରାୟ ୮୦ ଭାଗ ଜମିରେ ସେହି କାମ ହୋଇପାରିନାହିଁ । ଆବଶ୍ୟକ ପାଣି ଅଭାବରୁ ଚାଷୀଙ୍କ ତଳି ସବୁ ହଳଦିଆ ପଡି ଶୁଖି ମରିଯିବାକୁ ବସିଥିଲା। ସାମାନ୍ୟ ବର୍ଷାରେ ତଳିଗୁଡିକ ସେଥିରୁ ବର୍ତ୍ତି ଯାଇଛି। ଅନ୍ୟପକ୍ଷେ ପାଣିର ବିକଳ୍ପ ବ୍ୟବସ୍ଥା କରି ଯେଉଁମାନେ ଆଗରୁ ତଳି ପକାଇ ଥିଲେ ତାହା ବହୁତ ଦିନର ହୋଇଯିବାରୁ ସେଥିରେ ଗଣ୍ଠି ଆସିଗଲାଣି । ଗଣ୍ଠି ଆସି ଯାଇଥିବା ତଳି ବିଲରେ ରୁଆପୋତା କରାଗଲେ ଭଲ ଫସଲ ଉତ୍ପାଦନ ହେବ ନାହିଁ ବୋଲି ଚାଷୀମାନେ କହିଛନ୍ତି ।

ପଟ୍ଟାମୁଣ୍ଡାଇ ବ୍ଲକର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡାର ୫୦ ହଜାର ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୩୦ ଭାଗ ଜମିରେ ରୁଆପୋତା କାର୍ଯ୍ୟ ସରିଛି । ଆଉ ଦିନ କେଇଟା ପରେ ଶ୍ରାବଣ ମାସ ଶେଷ ହୋଇ ଭାଦ୍ରବ ଆରମ୍ଭ ହେବ । ତେଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାନ ତଳି ରୁଆପୋତା କାର୍ଯ୍ୟ କରା ନ ଗଲେ ଫସଲ ଅମଳ ଠିକ ଭାବେ ହୋଇପାରିବ ନାହିଁ । ପଟ୍ଟାମୁଣ୍ଡାଇ ବ୍ଲକର ମୂଳବସନ୍ତ ଭେଡା, ନରସିଂହପୁର ଭେଡା, ପଚ୍ଛପଡା ଭେଡା, ଅଇନିପଡା ଭେଡା ଆଦି ଅଞ୍ଚଳରେ ଚାଷକାର୍ଯ୍ୟ ବିଶେଷ ଭାବେ ଆଗେଇ ପାରିନାହିଁ । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତାତନା କେନାଲ, ମାଟିଆ ମାଇନର, ଷଣ୍ଢପଲ୍ଲୀ ମାଇନର ଆଦି ଶୁଖିଲା ପଡିଥିବାରୁ ଶତାଧିକ ଏକର ଚାଷଜମି ପଡ଼ିଆ ପଡିଛି । ପୌରାଞ୍ଚଳରେ ଥିବା ଅଣଜଳସେଚିତ ଜମିର ଅବସ୍ଥା ବି ସେମିତି । ଏହି ବ୍ଲକର ଧୋୟାଞ୍ଚଳରେ ଥିବା ଚାଷଜମିରେ ବର୍ଷା ଅଭାବରୁ ରୁଆପୋତା କାର୍ଯ୍ୟ ହୋଇପାରିନାହିଁ । ପଟ୍ଟାମୁଣ୍ଡାଇ ମୁଖ୍ୟକେନାଲରୁ ବାହାରି ଥିବା ଅଧିକାଂଶ ଶାଖା କେନାଲରେ ପାଣି ଛଡା ଯାଉ ନ ଥିବାରୁ ଚାଷକାର୍ଯ୍ୟ ବ୍ୟାହତ ହୋଇଛି । ଶ୍ରାବଣ ମାସରେ ଅଧିକାଂଶ କେନାଲ ଓ ଶାଖା କେନାଲଗୁଡ଼ିକୁ ଜଳସମ୍ପଦ ବିଭାଗ ସଫେଇ କାର୍ଯ୍ୟ କରୁଥିବାରୁ କେନାଲରେ ପାଣି ଛଡା ଯାଇପାରୁ ନ ଥିବା ଖବର ମିଳିଛି । ଚାଷୀଙ୍କ ପାଇଁ ବର୍ଷା ଦାଉ ସାଧୁଥିବାବେଳେ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ବେପରୁଆ ମନୋଭାବ ଚାଷୀମାନଙ୍କ ପାଇଁ ବେଢି ଉପରେ କୋରଡା ସଦୃଶ ହୋଇଛି ।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ସହକାରୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, କେନାଲକୁ ସମ୍ପୂର୍ଣ୍ଣ ପାଣି ଆସିନାହିଁ। ଫଳରେ ଶାଖା,ଉପଶାଖାକୁ ପାଣି ଯାଉନାହିଁ। କେନାଲରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଛାଡିବାକୁ ଜଗତପୁର ବ୍ୟାରେଜ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଛି।

## ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନର ନିଷ୍ପତ୍ତି

**ରଘୁନାଥପୁର,୩୦।୭(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଛକରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ବସାଯିବା ବିବାଦର ଏକପ୍ରକାର ସମାଧାନ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଛି। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଜାଗା ଖୋଜା ଆରମ୍ଭ ହୋଇଛି। ଶୁକ୍ରବାର ରଘୁନାଥପୁର ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ତହସିଲଦାର ରୂପାଲିକ ଦାଶ ଏନେଇ ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ସ୍ଥାନ ନିରୂପଣ ପରେ ଖୁବଶୀଘ୍ର ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯିବ ବୋଲି ବିଡିଓ ନାୟକ ପ୍ରକାଶ କରିଛନ୍ତି। ବିବାଦର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବା ପରେ ନବନିର୍ମାଣ କୃଷକ ସଙ୍ଗଠନ ତାର ଅନଶନ ନିଷ୍ପତ୍ତିରୁ ଓହରି ଯାଇଛି ବୋଲି ଦେବୀପ୍ରସାଦ ମହାରଣା କହିଛନ୍ତି।

ଗୋପବନ୍ଧୁଙ୍କ ପାଖରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ପରଠାରୁ ବିବାଦ ଲାଗି ରହିଥିଲା। ଗୋପବନ୍ଧୁଙ୍କ ଭଳି ମହାନ୍ ସ୍ୱାଧୀନତା ସଂଗ୍ରାମୀ ନିକଟରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଅପମାନ ବୋଲି ଉଭୟ ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅପରପକ୍ଷେ କୋଭିଡ୍ କଟକଣା ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମକୁ ଗତ ରବିବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥଗିତ କରିଦିଆଯାଇଥିଲା।

ଏହାପରଠାରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହେଉଥିବାବେଳେ ଗୁରୁବାର ପୂର୍ବାହ୍ନରେ ବିଜେଡିର ଦୁଇ ଗୋଷ୍ଠୀର କର୍ମୀମାନେ ଚତୁରତାର ସହ ପୃଥକ ଭାବେ ଫିତା କାଟି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରି ଦେଇଥିଲେ। ଏନେଇ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯିବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଅପରାହ୍ନରେ ପୁନର୍ବାର ଆବରଣ କରାଯାଇଥିଲା।

## ବ୍ଲକ କାର୍ଯ୍ୟାଳୟ ଆଗରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ



ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ନାଉଗାଁ,୩୦।୭(ସ୍ୱ.ପ୍ର.)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଘଟଣା**
■ ୧୧ ଦିନରେ ପହଞ୍ଚିଲା ଜବ୍‌କାର୍ଡଧାରୀଙ୍କ ଧାରଣା
■ ଧାରଣାକାରୀଙ୍କୁ ଭେଟିଲେ ଭାଜପା ରାଜ୍ୟ ମୋର୍ଚ୍ଚା ସଦସ୍ୟ

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଜବ୍‌କାର୍ଡଧାରୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିବା ଧାରଣା ଦିଆଯାଇଛି। ଇତିମଧ୍ୟରେ ଏହା ୧୧ ଦିନରେ ପହଞ୍ଚିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଧାରଣାରେ ବସିଥିବା ମହିଳାମାନଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏହି ଘଟଣାରେ ଘୋଡାଂଶ ପଞ୍ଚାୟତ ସରପଞ୍ଚଙ୍କ ପୁତ୍ର ମିଟୁ ବାରିକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ମିଟୁଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ବିଜେଡି ଦଳର ସଦସ୍ୟ ହୋଇଥିବା ନେଇ ଜିଲା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ପକ୍ଷରୁ ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ତ୍ରିପାଠୀ, ପ୍ରଦେଶ ଛାତ୍ର କଂଗ୍ରେସ ଉପସଭାପତି ପ୍ରୀତମ ପରିଜା, ସୋମ୍ୟ ସଞ୍ଜୀବ ଦାସ, ବିଜୟ ବିଶ୍ୱାଳ,ନାରାୟଣ ଲେଙ୍କା ଓ ଅତିଶ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ବିଧାୟକ ମୁଦୁଲିଙ୍କ ସହ ମୋବାଇଲ୍ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ଅପରପକ୍ଷେ ଭାଜପା ରାଜ୍ୟ ମୋର୍ଚ୍ଚା ସଦସ୍ୟମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମବେଦନା ଜଣାଇଛନ୍ତି। ମହିଳାଙ୍କ ଉପରେ ହୋଇଥିବା ଆକ୍ରମଣକୁ ସେମାନେ ନିନ୍ଦା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ କରି ଠିକ୍ ଭାବେ ଦଫା ଲଗାଇ ନ ଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାକୁ ବ୍ଲକ ମଧ୍ୟରେ ସୀମିତ କରା ନଯାଇ ବ୍ୟାପକ କରାଯିବ ବୋଲି ଭାଜପା ଅନୁସୂଚିତ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାପତି ବିଷ୍ଣୁ ପ୍ରସାଦ ତରାଇ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଘବ ମଳିକ, ରବି ବେହେରା, କାଳୁଚରଣ ସେଠି, ରତ୍ନାକର ତରାଇ, ସତ୍ୟବ୍ରତ ମହାପାତ୍ର ଓ ନିଗମା ନନ୍ଦ ପରିଡା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ରଘୁନାଥପୁରରୁ ଆଉ ଜଣେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**ରଘୁନାଥପୁର,୩୦।୭(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାରୁ ଗୁରୁବାର ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଏହି ଜିଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋକୁଳପୁର ଗ୍ରାମରୁ ପୂର୍ବରୁ ଜଣେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ଉକ୍ତ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରରୁ ଆଉ ଜଣେ ଡେଙ୍ଗୁ ରୋଗୀ ପଜିଟିଭ ଜଣାପଡ଼ିଛନ୍ତି। ସେ ହେଲେ ସଂଯୁକ୍ତା ଗୋଛାୟତ। ସେ ଭୁବନେଶ୍ୱରରୁ ନିଜ ପୈତୃକ ଗ୍ରାମ ଜଗନ୍ନାଥପୁରକୁ କିଛିଦିନ ପୂର୍ବେ ଆସିଥିଲେ। ଜ୍ୱର ହେବା କାରଣରୁ ରକ୍ତ ପରୀକ୍ଷା କରିବା ପରେ ପଜିଟିଭ ଜଣାପଡିଥିଲେ। ଏବେ ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହା ଜଣାପଡ଼ିବା ପରେ ବ୍ଲକରେ ଭୟର ବାତାବରଣ ଖେଳିଯାଇଛି। ଜିଲା ମ୍ୟାଲେରିଆ ସୁପରଭାଇଜର ସତ୍ୟରଞ୍ଜନ ସାହୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରୋଗ୍ରାମ ଅଫିସର ରାନୁ ମହାପାତ୍ର ପ୍ରମୁଖ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଉଭୟ ଡେଙ୍ଗୁ ଚିହ୍ନଟ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କୁ କାମୁଡିଥିବା ମଶା ଅନ୍ୟମାନଙ୍କୁ କାମୁଡ଼ିଲେ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏନେଇ ସମସ୍ତଙ୍କୁ ମଶାରୀ ଭିତରେ ଶୋଇବାକୁ ପରାମର୍ଶ ଦିଆଯାଇଛି। ପାଣି ଜମିଥିବା ସ୍ଥାନକୁ ସଫା ରଖିବାକୁ ଉଭୟ ଅଧିକାରୀ ମତ ଦେଇଛନ୍ତି।

## ଫେରାର ବଳାତ୍କାର ଅଭିଯୁକ୍ତ ଜେଲ ଗଲେ

**କୁଜଙ୍ଗ,୩୦।୭ (ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସାମକୋରି ଗ୍ରାମର ଦିଲୀପ ମହାନ୍ତିଙ୍କ ପୁଅ ଦିନେଶ। ତାଙ୍କ ଜାମିନ୍ ନାମଞ୍ଜୁର ହେବାରୁ କୁଜଙ୍ଗ ସମାଗୋଳ ଉପକାରାଗାରକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ୨ ବର୍ଷ ପୂର୍ବେ ମିସ୍ କଲ୍‌ରୁ ଦିନେଶଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଦିନେଶ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୧୯ ନଭେମ୍ବରରେ ଅଭିଯୁକ୍ତ ସମ୍ପୃକ୍ତ ଯୁବତୀଙ୍କୁ ନେଇ ନିଜ ଘରେ ରଖିଥିଲେ । ୨ ଦିନ ପରେ ଏକ ବୋଲେରୋ ଗାଡ଼ିରେ ସମ୍ପୃକ୍ତ ଯୁବତୀଙ୍କୁ ଆଣି ତାଳଦଣ୍ଡା ନିକଟସ୍ଥ ପୋଲ ଉପରେ ଛାଡି ପଳାଇଯାଇଥିଲେ। ଏହାପରେ ସମ୍ପୃକ୍ତା ଯୁବତୀ କୁଜଙ୍ଗ ଥାନାରେ ଦିନେଶଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୪୬/୧୯) ରୁଜୁ କରିଥିଲା। ଏହାପରେ ଦିନେଶ ଫେରାର ହୋଇ ବେଙ୍ଗାଲୁରୁ ଚାଲିଯାଇଥିଲେ। ଗୁରୁବାର ସେ ଘରକୁ ଫେରିଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆବାସରୁ ବଞ୍ଚିତ ୱାର୍ଡସଭ୍ୟ

**ଚଣ୍ଡିଖୋଲ,୩୦।୭(ଡି.ଏନ.ଏ.)**

ବଡଚଣା ବ୍ଲକ୍ ଅନ୍ତର୍ଗତ ନେଳିଆ ପଞ୍ଚାୟତ ୧୩ ନଂ. ୱାର୍ଡର ୱାର୍ଡ ସଭ୍ୟ ହେଉଛନ୍ତି କୃପାସିନ୍ଧୁ ପ୍ରଧାନ। ପଞ୍ଚାୟତ ନିର୍ବାଚନକୁ ଏହା ମଧ୍ୟରେ ସାଢେ ଚାରି ବର୍ଷ ପୁରି ଗଲାଣି। ଆଉ ୬ ମାସ ପରେ ପୁନର୍ବାର ନିର୍ବାଚନ ହେବ। ତେବେ ନିଜେ ଗତ ନିର୍ବାଚନରେ ୱାର୍ଡ ସଭ୍ୟ ଭାବ ନିର୍ବାଚିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। କେହି କଚାଘରେ ରହିବେ ନାହିଁ। ସମସ୍ତଙ୍କୁ ଆବାସ ଯୋଗାଇ ଦିଆଯିବା କଥା ଘୋଷଣା କରାଯାଉଥିବା ବେଳେ ଏଥିରୁ ବାଦ ପଡ଼ିଛନ୍ତି କୃପାସିନ୍ଧୁ। ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡିଏ ମିଳି ନ ଥିବାରୁ ସେ ଚାଳଛପର ଘରେ ଜୀବନ ବିତାଉଛନ୍ତି। ଚା' ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା କୃପାସିନ୍ଧୁଙ୍କ କ୍ଷେତ୍ରରେ କୋଠା ଘରଖଣ୍ଡିଏ ନିର୍ମାଣ କରିବା କଷ୍ଟକର ହୋଇପଡିଛି। ବୁଢୀ ମା' ସହ ୫ଜଣଙ୍କୁ ନେଇ କୃପାସିନ୍ଧୁ ସେହି ଭଙ୍ଗାଘରେ ରହୁଛନ୍ତି। ଅସରାଏ ବର୍ଷା ହେଲେ ଘରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇ ରହୁଛି। ପରିବାର ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ ସେ କୁହନ୍ତି, ଏବେ



ଭଙ୍ଗା ଚାଳ ଘରେ କୃପାସିନ୍ଧୁଙ୍କ ପରିବାର।

ଆବାସ ଯୋଜନାର ତଦନ୍ତ କରାଯାଉଛି। ଯଦି ସେ ଯୋଗ୍ୟ ହିତାଧିକାରୀ ହୋଇଥିବ ତେବେ ନିଶ୍ଚୟ ଘର ପାଇବେ।

## କୋଭିଡ୍ ଯୋଦ୍ଧାଙ୍କୁ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି

**ଜଗତ୍‌ସିଂହପୁର ଅଫିସ, ୩୦।୭**




ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି**

ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ସରକାର କଟକଣା ଜାରି କରିଥିବାରୁ ସୀମିତ ସଂଖ୍ୟକ କୋଭିଡ୍ ଯୋଦ୍ଧା, ପଦସ୍ଥ ଅଧିକାରୀ, କର୍ମଚାରୀ ଓ ଅତିଥିଙ୍କୁ ନେଇ ଏହି ଦିବସ ପାଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି। କୋଭିଡ୍ ଯୋଦ୍ଧା ଯଥା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଛି।

ବିଗତବର୍ଷଗୁଡିକ ପରି ଚଳିତବର୍ଷ ମଧ୍ୟ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅଗଷ୍ଟ ୧୫ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏହିଦିନ ଡାକବାଜି ଯନ୍ତ୍ର ଦ୍ୱାରା ଜଗତ୍‌ସିଂହପୁର ସହରରେ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୭ଟା୩୦ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ, ୮ଟା୩୦ରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ୯ଟା୧୫ରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ପତାକା ଉତ୍ତୋଳନ ସମୟରେ ପୋଲିସ ବ୍ୟାଣ୍ଡ ପାର୍ଟି ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ ହେବ। ପରେଡରେ କେବଳ ଆରକ୍ଷୀ ବାହିନୀ ଅଂଶଗ୍ରହଣ କରିବେ। ବିଦ୍ୟାଳୟସ୍ତରରେ ୬ଷ୍ଠରୁ ୮ମ ଓ ୯ମରୁ ୧୦ମ ବର୍ଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣାଅଜଣା ପ୍ରତିଯୋଗିତା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବ। ବ୍ଲକସ୍ତରରେ ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୬ ଓ ଜିଲାସ୍ତରରେ ୯ ତାରିଖରେ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବ। ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଆଲୋକୀକରଣ କରାଯିବ। ସହରକୁ ପରିଷ୍କାର କରାଯିବା ସହ ପ୍ରତିମୂର୍ତ୍ତି ସ୍ଥଳକୁ ସଫାସୁତୁରା କରିବାକୁ ଜଗତ୍‌ସିଂହପୁର ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ଡିଏସ୍‌ପି ରଜନୀକାନ୍ତ ସାମଲ, ଦୁର୍ଯ୍ୟୋଧନ ବେହେରା, ନିମାଇଁ ଚରଣ ଦାସ, ଶତ୍ରୁଘ୍ନ ଦାଶ, ଅଶୋକ କୁମାର କର୍ଣ୍ଣ ଓ ରାଜଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ମାଟିରେ ଗଢ଼ାହେଉଛି ଆକର୍ଷଣୀୟ ରାଖୀ

**ପାରାଦୀପ,୩୦।୭(ସ୍ୱ.ପ୍ର.)**

ଅଗଷ୍ଟ ୨୨ରେ ରାଖୀ ପୂର୍ଣ୍ଣିମା। ବଜାରରେ ବିଭିନ୍ନ ପ୍ରକାରର ରାଖୀ ତିଆରି କରି ଗ୍ରାହକଙ୍କୁ ବିକ୍ରି କରିବାକୁ ବ୍ୟବସାୟୀମାନେ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଜଗତ୍‌ସିଂହପୁର ଜିଲାର ମାଟି ମୂର୍ତ୍ତିକାରମାନେ ନୂତନଭାବେ ମାଟି ରାଖୀ ତିଆରି କରୁଛନ୍ତି। ଏହା ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଏଥିପାଇଁ ଜଗତ୍‌ସିଂହପୁର ଜିଲା ଓରମାସ ଏବଂ ପ୍ରଶାସନ ପକ୍ଷରୁ ବିଭିନ୍ନ ଟେରାକୋଟା ମହିଳା ସମିତି ଓ ହସ୍ତଶିଳ୍ପ କାରିଗରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

ଏହି କ୍ରମରେ ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଓ ନୁଣ୍ଡୁକୁଆ ଗ୍ରାମର ମହିଳାମାନେ ଏବେ ମାଟିର ରାଖୀ ଗଢ଼ିବାରେ ଲାଗିପଡ଼ିଛନ୍ତି। ବଜାରରେ ମିଳୁଥିବା ରାଖୀ ଠାରୁ ଏହା ଅଧିକ ଆକର୍ଷଣୀୟ ଓ ପରିବେଶ ଅନୁକୂଳ ବୋଲି ଟେରାକୋଟା ମାଷ୍ଟର ନବଘନ ବେହେରା କୁହନ୍ତି। ଏଥିରେ ମାଟି, ସୂତା, ଘାସ, ତାଳପତ୍ର, ନଡ଼ିଆ ଷଢ଼େଇ,ଝୋଟ ଓ କାଇଁଚ ଆଦି ବ୍ୟବହାର କରାଯାଉଛି। ସୁନ୍ଦର ଦେଖାଯିବା ପାଇଁ ରଙ୍ଗ ଦିଆଯାଇଛି।



ମହିଳା କାରିଗରମାନେ ରାଖୀ ତିଆରି କରୁଛନ୍ତି।

ଏହି ରାଖୀଗୁଡିକୁ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ କରୁଛନ୍ତି। ଭୂତମୁଣ୍ଡାଇଠାରେ ମା'ବଜ୍ରବୁଢୀ ପ୍ରଡକ୍ସନ୍ ଗ୍ରୁପର ୩୦ ଜଣ ଓ ନୁଣ୍ଡୁକୁଆ ମା'ଅନ୍ନପୂର୍ଣ୍ଣା ପ୍ରଡକ୍ସନ୍ ଗ୍ରୁପର ୩୨ ଜଣ ମହିଳା ଏହି କାମ କରୁଛନ୍ତି। ରାଖୀରେ ଶଙ୍ଖ, ଗଣେଶ, ଜଗନ୍ନାଥ, ମୟୂର, ଫୁଲ ଆଦି ଚିତ୍ର ରହିଛି। ଏହାକୁ ୧୫ ରୁ ୨୦ ଟଙ୍କା ଦରରେ ବିକ୍ରି କରିବାକୁ ଲକ୍ଷ୍ୟ ରଖାଯାଇଛି। କରୋନା ମହାମାରୀ ସମୟରେ ହସ୍ତଶିଳ୍ପ କାରିଗରମାନେ ରୋଜଗାର ଶୂନ୍ୟ ହୋଇ ଯାଇଛନ୍ତି। ଏଭଳି ଉଦ୍ୟମ ସେମାନଙ୍କୁ କିଛି ରୋଜଗାର ଯୋଗାଇଦେବ ବୋଲି ମହିଳା କାରିଗର ଟିକି ବେହେରା, ଅମ୍ବିକା ରଣା, ସୁଷମା ରଣା, ପ୍ରମୁଖ କୁହନ୍ତି।

ଓରମାସ୍‌ର ଡେପୁଟି ସିଓଓ ସତ୍ୟସୁନ୍ଦର ଶିବରାମ ପାଇଟାଳ କୁହନ୍ତି, ଆସନ୍ତା ଅଗଷ୍ଟ ୫ରୁ ୨୨ ପର୍ଯ୍ୟନ୍ତ ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ରାଖୀ ଷ୍ଟଲ ଖୋଲାଯିବ। ଏଥିରେ ଜିଲାର ସମସ୍ତ ହସ୍ତଶିଳ୍ପ କାରିଗର ଓ ଏସଏଚ୍‌ଜିମାନେ ସେମାନଙ୍କ ରାଖୀ ବିକିବେ। ଏହାବାଦ୍ ଉକ୍ତ ରାଖୀକୁ ଅନ୍‌ଲାଇନ ମାର୍କେଟିଂ ସଂସ୍ଥା ଆମାଜନ୍‌ରେ ବିକ୍ରି କରିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ବୈଷୟିକ ଅଧିକାରୀମାନେ ଯାଇ କାରିଗରମାନଙ୍କ କାମ ତଦାରଖ କରୁଛନ୍ତି। ଏହାକୁ କିପରି ଆକର୍ଷଣୀୟ ଓ ପ୍ୟାକିଂ କରାଯିବ ସେସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାରେ ପ୍ରଥମକରି ଏହି ରାଖୀ କରାଯାଇଛି। ଏହାଦ୍ୱାରା କାରିଗରମାନେ ରୋଜଗାରକ୍ଷମ ହେବା ସହ ପରିବେଶ ସନ୍ତୁଳିତ ରହିବ ପାରିବ ବୋଲି ପାଇଟାଲ ମତବ୍ୟକ୍ତ କରିଛନ୍ତି।

■ ପରିବେଶ ପାଇଁ ଅନୁକୂଳ
■ ବଜାର ଦର ୧୫ରୁ ୨୦ ଟଙ୍କା ରହିବ
■ ରୋଜଗାରର ମାଧ୍ୟମ ପାଲଟିଛି
■ ଘାସ, ତାଳପତ୍ର, ନଡ଼ିଆ ଷଢ଼େଇ ଓ କାଇଁଚ ଆଦି ବ୍ୟବହାର କରାଯାଉଛି



ମାଟି ତିଆରି ରାଖୀ।

## ବାର୍‌ହା ମାଂସ ଜବତ ଘଟଣାରେ ୨ କୋର୍ଟଚାଲାଣ

**କଳିଙ୍ଗନଗର,(ଡି.ଏନ.ଏ.):** ଟମକା ସରଂକ୍ଷିତ ବନାଞ୍ଚଳ ନିକଟସ୍ଥ ଜାମୁପଶି ଗ୍ରାମ ନିକଟରୁ ଗୁରୁବାର ବନ ବିଭାଗ ୧୦ କେଜିରୁ ଊର୍ଦ୍ଧ୍ୱ ବାରହା ମାଂସ ଜବତ କରିବା ସହ ଦୁଇ ଶିକାରୀଙ୍କୁ ଅଟକ ରଖିଥିଲା। ଶୁକ୍ରବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଡୁବୁରୀ ଗ୍ରାମର ମାନସ ରାଉତ(୩୭) ଏବଂ ମାନପୁର ଗ୍ରାମର ପ୍ରମୋଦ କୁମାର ସାହୁ (୪୦)। ତେବେ ଏମାନେ ବନ ଅଧିକାରୀଙ୍କୁ ପ୍ରଲୋଭିତ କରି କୋହଳ ଦଫା ଲଗାଇ ଖସିଯିବାରେ ସକ୍ଷମ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ଜଙ୍ଗଲ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଟମକା ରେଞ୍ଜର ଘନଶ୍ୟାମ ମୁଦୁଲି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ, ୩ ଅଟକ

**ଧର୍ମଶାଳା,୩୦।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଭୁବନ ପଞ୍ଚାୟତ ବଳଭଦ୍ର ପ୍ରସାଦପାଟଣା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାରରେ ଗଣ୍ଡଗୋଳ ହୋଇଥିବା ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷରୁ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୯୮/୨୧, ୩୯୯/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ, ୨୯ତାରିଖ ସନ୍ଧ୍ୟାରେ ବଳଭଦ୍ର ପ୍ରସାଦପାଟଣା ଗ୍ରାମର ମାମିନା ପରିଡ଼ାଙ୍କ ମା'ଙ୍କୁ ଗାଁର କେତେଜଣ ଲୋକ ଗାଳିଗୁଲଜ କରିଥିଲେ। ମାମିନା ଓ ତାଙ୍କ ସ୍ୱାମୀ ଅନିରୁଦ୍ଧ ଏହାର ପ୍ରତିବାଦ କରିଥିଲେ। ଫଳରେ ଗାଳିଗୁଲଜ କରୁଥିବା ଯୁବକମାନେ ମାମିନାଙ୍କୁ ଆକ୍ରମଣ କରି ଆହତ କରିଥିବା ମାମିନା ଅଭିଯୋଗ କରିଛନ୍ତି। ସେହିପରି ଗାଁର ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ଅଭିଯୋଗକ୍ରମେ ତାଙ୍କ ହରଡ଼ କିଆରିରେ ମାମିନାଙ୍କ ଛେଳି ପଶି ନଷ୍ଟ କରୁଥିବା ଦେଖି ମାମିନାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମାମିନାଙ୍କ ପରିବାର ଲୋକେ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରଙ୍କୁ ଆକ୍ରମଣ କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କ ଦେହାନ୍ତ

**ବିଞ୍ଝାରପୁର,୩୦।୭(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ବ୍ଲକ ଟିଚର୍ସ କ୍ଲବ୍ ପ୍ରତିଷ୍ଠାତା ତଥା ବାଲମୁକୁଳୀ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅଭିମନ୍ୟୁ ସାହୁ(୫୮)ଙ୍କ ବୁଧବାର ରାତିରେ ଦେହାନ୍ତ ହୋଇଯାଇଛି। ସେ କୋଭିଡରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଜଣେ ଛାତ୍ର ବତ୍ସଳ, କ୍ରୀଡ଼ାବିତ ଶିକ୍ଷକ ତଥା ସୁସଂଗଠକ ଥିଲେ। ବିଞ୍ଝାରପୁର ବ୍ଲକରେ ଶିକ୍ଷକଙ୍କୁ ସଂଗଠିତ କରି ବ୍ଲକ ଟିଚର୍ସ କ୍ଲବ ଗଠନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଟିଚର୍ସ କ୍ଲବ ସଭାପତି ରବିନାରାୟଣ ସାମଲଙ୍କ ସମେତ କର୍ମକର୍ତ୍ତା, ଓ ବାଲମୁକୁଳୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ପ୍ରଧାନ ଏବଂ ସମସ୍ତ ଶିକ୍ଷକ ଶୋକବ୍ୟକ୍ତ କରିଛନ୍ତି। ସାହୁଙ୍କ ଅନ୍ତିମ ସତ୍କାର କଟକଠାରେ କରାଯାଇଥିବା ବେଳେ ପୁଅ ଅନୁପମ ମୁଖାଗ୍ନି ଦେଇଥିଲେ।

### ଡିଏସ୍‌ପି ପ୍ରଫୁଲ୍ଲ ମିଶ୍ରଙ୍କୁ ଅତିରିକ୍ତ ଏସ୍‌ପି ଭାବେ ପଦୋନ୍ନତି

**ପାଣିକୋଇଲି,୩୦।୭(ଡି.ଏନ.ଏ.):** ଯାଜପୁର ଜିଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି ପ୍ରଫୁଲ୍ଲ ମିଶ୍ର ଅତିରିକ୍ତ ଏସ୍‌ପି ପଦବୀକୁ ପଦୋନ୍ନତି ପାଇଛନ୍ତି। ବରିଷ୍ଠତା ଭିତ୍ତିରେ ତାଙ୍କର ଏହି ପଦୋନ୍ନତି ହୋଇଥିବାବେଳେ ଏନେଇ ଓଡ଼ିଶା ସରକାରଙ୍କ ଗୃହବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୫୯ ଛାତ୍ରୀଛାତ୍ର

**ଧର୍ମଶାଳା,୩୦।୭(ଡି.ଏନ.ଏ.):** ଶୁକ୍ରବାରରୁ ଆରମ୍ଭ ହୋଇଛି ଅଫଲାଇନ ମାଟ୍ରିକ ପରୀକ୍ଷା। ଧର୍ମଶାଳା ବ୍ଲକର ୨ କେନ୍ଦ୍ରରେ ୫୯ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ବ୍ଲକର ଧର୍ମଶାଳା ବାଣୀପୀଠ ସ୍କୁଲରେ ୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ ଅନୁପସ୍ଥିତ ରହିବାରୁ ୪୮ଜଣ ପରୀକ୍ଷା ଦେଇଥିଲେ। ସେହିପରି ମୁରାରୀପୁରସ୍ଥିତ ଗୋପାଳଜୀଉ ହାଇସ୍କୁଲରେ ୧୨ଜଣଙ୍କ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ଥିଲେ। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା। ୮୦ମାର୍କ ବିଶିଷ୍ଟ ଏହି ବିଷୟରେ ସବ୍‌ଜେକ୍ଟିଭରେ ୫୦ ଓ ଅବଜେକ୍ଟିଭରେ ୩୦ମାର୍କ ପାଇଁ ପରୀକ୍ଷା କରାଯାଇଛି। କରୋନା କଟକଣାରେ ପରୀକ୍ଷା କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ମାସ୍କ ପରିଧାନ କରି ପରୀକ୍ଷା ଦେଇଥିବା ଦେଖିବାକୁ ମିଳିଥିଲା।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ ଅଟକ

**କାଳିଆପାଣି,୩୦।୭(ଡି.ଏନ.ଏ.):** କାଳିଆପାଣି ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖିଛି। ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ଗୁରୁବାର ରାତିରେ ନେଇ ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୭୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତବେଳେ ଉଭୟ ଥାନା ଅଧୀନ ମଲ୍ଲାରସାହିରେ ଥିବା ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସ ସେଠାରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଶନିବାର ଡାକ୍ତରୀ ମାଇନା କରାଯାଇ କୋର୍ଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ଶିଶିର କୁମାର ମିଶ୍ର ପ୍ରକାଶ କରିଛନ୍ତି।

# କଉଡ଼କୋଲ-ଦକ୍ଷିଣକୂଳ ରାସ୍ତା ବିପର୍ଯ୍ୟସ୍ତ

**ବାଲିଚନ୍ଦ୍ରପୁର,୩୦।୭(ସ୍ୱ.ପ୍ର.)**


ବିପର୍ଯ୍ୟସ୍ତ ହୋଇଥିବା ରାସ୍ତା।

■କାର୍ଯ୍ୟ ନ ହୋଇ ବିଲ୍ କରାଯାଇଥିବା ଅଭିଯୋଗ
■ତଦନ୍ତ ଦାବି କଲେ ପଞ୍ଚାୟତବାସୀ

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଜାରକା ଅଧୀନରେ ଥିବା ଚଣ୍ଡିଖୋଲ ସବଡିଭିଜନ୍ ଦୁର୍ନୀତିର ଗନ୍ତାଘର ପାଲଟିଛି। ଉକ୍ତ ସବ୍‌ଡିଭିଜନ ଅଧୀନ ୫ନଂ.(କ) ଜାତୀୟ ରାଜପଥର କଉଡ଼କୋଲଠାରୁ ଦକ୍ଷିଣକୂଳ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବର୍ଷକ ମଧ୍ୟରେ ପିଚୁ ଉଠିଗଲାଣି। କେତେକ ସ୍ଥାନରେ ରାସ୍ତା ଦବି ମଧ୍ୟ ଗଲାଣି। ଅଗଷ୍ଟ ୨୦୨୦ରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟଯୋଗୁ ରାସ୍ତାଟି ଯାତାୟାତ ଅନୁପଯୋଗୀ ହେବା ସହ ବିପର୍ଯ୍ୟସ୍ତ ହୋଇପଡ଼ିଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଠିକାଦାର ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ତେବେ କାର୍ଯ୍ୟ ନ କରି ଲକ୍ଷାଧିକ ଟଙ୍କା ବିଲ କରାଇ ନେଇଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇପାରିଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ସୂଚନା ମୁତାବକ, ୨୦୧୬-୧୭ ଆର୍ଥିକ ବର୍ଷରେ ଟେଣ୍ଡର କରାଯାଇ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ କୋଟି ୧୭ ଲକ୍ଷ ୪୬୫ ଟଙ୍କାରେ କାର୍ଯ୍ୟ କରିବାକୁ ଠିକାଦାର ସରକାରଙ୍କ ସହ ଚୁକ୍ତିନାମା କରିଥିଲେ। କାର୍ଯ୍ୟ ସରିବାର ଅବଧି ଏକ ବର୍ଷ ଥିଲେ ମଧ୍ୟ ଏହା ୦୧।୦୮।୨୦୨୦ରେ ଶେଷ ହୋଇଥିବା ସରକାରୀ ନଥିପତ୍ରରୁ ଜଣାପଡ଼ିଛି। ତେବେ କାର୍ଯ୍ୟ ଚାଲିଥିବା ସମୟରେ ନିମ୍ନମାନର କାର୍ଯ୍ୟ ନେଇ ବାରମ୍ବାର ସହକାରୀ ଯନ୍ତ୍ରୀ ଓ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା। ହେଲେ ଉପରିସ୍ଥ ଅଧିକାରୀ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ଭାର ଦେଇଥିଲେ। କାମ ଠିକ୍ ହୋଇଥିବା ନେଇ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ନିଜେ ରିପୋର୍ଟ ପ୍ରଦାନ କଲେ ଏବଂ ଅନ୍ତିମ ବିଲ୍ ନିଜେ ମଧ୍ୟ କରିଥିବା ନେଇ ସରକାରୀ ତଥ୍ୟ କହୁଛି।

ଆର୍‌ଟିଆଇରୁ ମିଳିଥିବା ସୂଚନା ମୁତାବକ, ଏହି ରାସ୍ତାରେ ୫ ଶହ ମିଟର ଗାଡ୍‌ୱାଲ ନିର୍ମାଣ ପାଇଁ ୨୩ ଲକ୍ଷ ୯୨ ହଜାର ୬୭୦ ଟଙ୍କା ମଞ୍ଜୁର ହୋଇଛି। ହେଲେ ରାସ୍ତାର କୌଣସି ସ୍ଥାନରେ ପ୍ରୋଟେକ୍ସନ୍‌ୱାଲ ହୋଇନାହିଁ। ୧୦୦୦ ଏମ୍ଏମ୍, ୬୦୦ ଏମ୍ଏମ୍ ଓ ୩୦୦ ଏମ୍ଏମ୍ ହୋମପାଇପ ଦେଇ ୧୭ଟି କଲଭର୍ଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଥିବା ବେଳେ ଆଦୌ ୧୦୦୦ ଏମ୍ଏମ୍ କଲଭର୍ଟ ନିର୍ମାଣ ହୋଇନାହିଁ। ବିଭାଗୀୟ ଚଞ୍ଚକତା କରାଯାଇ ୬୦୦ ଏମ୍ଏମ୍‌ରେ ୧୧ କଲଭର୍ଟ କରିବା ପାଇଁ କାଗଜପତ୍ର କରାଯାଇଛି। ମାତ୍ର ୧୧ଟି କଲଭର୍ଟ ଜାଗାରେ ମାତ୍ର ୭ଟି ତିଆରି ହୋଇଛି। ଏହି ୧୧ କଲଭର୍ଟ ବାବଦକୁ ୯ ଲକ୍ଷ ୭୮ ହଜାର ୫୩୭ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଗୋଟିଏ କଲଭର୍ଟକୁ ପାଖାପାଖି ୯୦ ହଜାର ଟଙ୍କା ଖର୍ଚ୍ଚ ହିସାବ କହୁଛି। ତେବେ ୬ କଲଭର୍ଟ ନିର୍ମାଣ ନ କରି କାଗଜପତ୍ରରେ ନିର୍ମାଣ କରାଯାଇଥିବା ଦର୍ଶାଇ ପାଖାପାଖି ୫ ଲକ୍ଷ ୫୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କେ. ତୁଳସୀ ପାତ୍ର କହିଛନ୍ତି, କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ବିଲ୍ ପଇଠ ହୋଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ। ଯଦି ରାସ୍ତା ଖରାପ ହୋଇଥାଏ ଠିକାଦାରଙ୍କୁ ମରାମତି ପାଇଁ କୁହାଯିବ।

# ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୋଷ ଧରିଲେ ଡିଆର୍‌ଡିଏ ଯନ୍ତ୍ରୀ

**ଚଣ୍ଡିଖୋଲ,୩୦।୭(ଡି.ଏନ.ଏ.)**

**ସିହା ପଞ୍ଚାୟତରେ ରାସ୍ତା ନିର୍ମାଣରେ ଅନିୟମିତତା ପ୍ରସଙ୍ଗ**

ବଡ଼ଚଣା ବ୍ଲକ ଅଧୀନ ସିହା ପଞ୍ଚାୟତରେ ଢଳେଇ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଜିଲାପାଳ ବଡ଼ଚଣା ବିଡିଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯେଉଁ ଯନ୍ତ୍ରୀ କାମ କରିଥିଲେ ସେହି ଯନ୍ତ୍ରୀ ଓ ତାଙ୍କ ଉପର ଅଧିକାରୀ ତଥା ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଆଧାରରେ ଉଭୟ ତଦନ୍ତ କରି ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇ ନ ଥିବା ଦର୍ଶାଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ୧୯ ଓ ୨୬ ତାରିଖରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)କୁ ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଡିଆର୍‌ଡିଏର କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଆଚାର୍ଯ୍ୟ ସହଯୋଗୀଙ୍କ ସହ କ୍ଷେତ୍ର ପରିଦର୍ଶନ କରି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତଦନ୍ତ ସମୟରେ ସେଠାରେ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ରାମପ୍ରସାଦ କାଲୋ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ଏହି ରାସ୍ତା କରାଯାଇଥିଲା। ଦୁଇ ମୁଣ୍ଡ ୭ ଇଞ୍ଚ୍ ମୋଟର ଢଳେଇ ହୋଇଥିଲାବେଳେ ମଝି ଅଂଶ ମାତ୍ର ତିନି ଇଞ୍ଚ ମୋଟର ଢଳେଇ କରାଯାଇଥିବା ତଦନ୍ତ ବେଳେ ଧରାପଡ଼ିଛି। ତେବେ ଏହି ପଞ୍ଚାୟତର ଗୋଟିଏ ରାସ୍ତା ନୁହେଁ ଦର୍ପଣ-ସମିଆ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଭଗବତୀ ମନ୍ଦିର ରାସ୍ତା, ସିହା ଉପର ସାହିରେ ନିର୍ମାଣ କରାଯାଇଥିବା ରାସ୍ତା ଓ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଆଦି ୭ଟି ରାସ୍ତାରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ସବୁ ରାସ୍ତାର ପୁନଃ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ କହିଛନ୍ତି।


ରାସ୍ତା କାର୍ଯ୍ୟ ତଦନ୍ତ କରୁଛନ୍ତି ଅଧିକାରୀ ଓ ଅନ୍ୟମାନେ।

# ଫେରାର ପ୍ରେମୀଯୁଗଳ ରାଉରକେଲାରୁ ଠାବ

**ରସୁଲପୁର,୩୦।୭(ଡି.ଏନ.ଏ.)**

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡିଅଧୀନ ବନ୍ଧଡ଼ିହ ଅଞ୍ଚଳରୁ ମାସକ ତଳେ ଜଣେ ଯୁବତୀ ନିଖୋଜ ହୋଇଥିଲେ। ତେବେ ସେ ନିଖୋଜ ନୁହେଁ ବରଂ ତାଙ୍କ ପ୍ରେମିକ ସହ ଫେରାର ହୋଇଥିଲେ ବୋଲି ଜଣାଯାଇଛି। ଉକ୍ତ ପ୍ରେମୀ ଯୁଗଳଙ୍କୁ ପୋଲିସ ରାଉରକେଲାରୁ ଠାବ କରିଛି। ପୋଲିସ ଉଭୟଙ୍କୁ ତାଙ୍କର ଜଣେ ବନ୍ଧୁଙ୍କ ସହାୟତାରେ ପାଇଛି। ତେବେ ଉଭୟେ ବିବାହ କରିଥିବା ନେଇ ପୋଲିସକୁ ସୂଚନା ମିଳିଛି। ପୁଅଘର ପରିବାର ପକ୍ଷରୁ ପୁଅ ଝିଅ ବିବାହ କରିଥିବା ନେଇ ଏକ ପ୍ରମାଣପତ୍ର ପୋଲିସକୁ ଦେଖାଇଛନ୍ତି। ତେବେ ଉକ୍ତ ପ୍ରମାଣପତ୍ରକୁ ପୋଲିସ ଯାଞ୍ଚ କରୁଛି। ଏଯାଏ ପ୍ରେମୀଯୁଗଳ ଦ୍ୱୟ ଫାଣ୍ଡିରେ ପହଞ୍ଚି ନାହାନ୍ତି। ସେମାନେ ପହଞ୍ଚିବା ପରେ ପୋଲିସ ଯାହା ନିଷ୍ପତ୍ତି ନେବ ବୋଲି ଫାଣ୍ଡି ଅଧିକାରୀ ଏସ୍. ଦାଶରଥୀ ପାତ୍ରୋ ପ୍ରକାଶ କରିଛନ୍ତି।

ପ୍ରକାଶଯେ, ଜୁନ ମାସରେ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡ଼ା ଗ୍ରାମର କାର୍ତ୍ତିକ ବାରିକ(୨୫) ବନ୍ଧଡ଼ିହ ପଞ୍ଚାୟତ ଅଞ୍ଚଳର ୨୨ ବର୍ଷୀୟା ଯୁବତୀଙ୍କୁ ନେଇ ଫେରାର ହୋଇଯାଇଥିଲେ। ଯୁବତୀ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଯୁବତୀଙ୍କୁ ଖୋଜିବା ଆରମ୍ଭ କରିଥିଲା। ଫେରାର ସମୟରେ ଯୁବତୀଙ୍କ ଫୋନକୁ ଏକ କଲ୍ ଆସିଥିଲା। ଉକ୍ତ ଫୋନ କଲକୁ ପୋଲିସ ଟ୍ରାକିଂ କରିବାରୁ ତାହା ସମ୍ପୃକ୍ତ ଯୁବକଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ତାଙ୍କୁ ରାୟଗଡ଼ାରୁ ଠାବ କରିଥିଲା। ଉକ୍ତ ବନ୍ଧୁଙ୍କ ସହାୟତାରେ ପୋଲିସ ଯୁବକଙ୍କ ପରିବାର ନିକଟରେ ପହଞ୍ଚିଥିଲା। ପୋଲିସ ପରିବାର ଲୋକଙ୍କୁ ପଚରାଉଚୁରା କରିବାରୁ ଯୁବତୀଯୁବକ ବିବାହ କରି ସାରିଥିବା ଯୁବକଙ୍କ ଭାଇ ପ୍ରମାଣପତ୍ର ଦେଖାଇଥିଲେ। ଯୁବକଙ୍କ ଭାଇଙ୍କ ମୋବାଇଲ ସହାୟତାରେ ପୋଲିସ କାର୍ତ୍ତିକଙ୍କ ନିକଟରେ ପହଞ୍ଚିଛି। ପରିବାର ଲୋକ ଓ ପୋଲିସ ପରାମର୍ଶକ୍ରମେ ଫେରାର ଯୁବତୀଯୁବକ ରାଉରକେଲାରୁ ଶୁକ୍ରବାର ରାତିରେ ଆସି ଫାଣ୍ଡିରେ ପହଞ୍ଚିବେ। ସେ ପର୍ଯ୍ୟନ୍ତ ପୋଲିସ କାର୍ତ୍ତିକଙ୍କ ଭାଇକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଯୁବତୀଯୁବକ ପ୍ରାପ୍ତ ବୟସ୍କ ହୋଇଥିବାରୁ ସେମାନଙ୍କ ବୟାନ ଆଧାରରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ବିଭିନ୍ନ ସ୍ଥାନ ବଦଳାଇ ଏବେ ରାଉରକେଲାରେ ରହୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

# ଶିକ୍ଷାବିତ୍‌ଙ୍କ ପରଲୋକ

**ପାଣିକୋଇଲି,୩୦।୭(ଡି.ଏନ.ଏ.)**

କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତ ହାଟସାହି ମିର୍ଜାପୁର ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରମାକାନ୍ତ ବେହେରାଙ୍କ ୬୭ ବର୍ଷ ବୟସରେ ଗୁରୁବାର ରାତିରେ ବିୟୋଗ ଘଟିଛି। ୨୦୧୫ରେ କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠରୁ ସଂସ୍କୃତ ଶିକ୍ଷକ ଭାବେ ସେ ଅବସର ଗ୍ରହଣ କରିଥିଲେ। ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ତାଙ୍କର ସୁନାମ ରହିଥିଲ। କିଛି ଦିନ ହେବ ସେ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଛି। ପୁଅ ଚନ୍ଦନ ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟାଳୟରେ ଦୁଇ ମହିଳା ଅଧିକାରୀ ମୁହାଁମୁହିଁ

**ବରୀ,୩୦।୭(ଡି.ଏନ.ଏ.)**

ବରୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାର୍ଯ୍ୟାଳୟର ସୁପରଭାଇଜର ସ୍ୱର୍ଣ୍ଣଲତା ଦାସଙ୍କୁ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରାଣେଶ୍ୱରୀ ପାଣିଗ୍ରାହୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଛନ୍ତି। ତେବେ ଦୀର୍ଘ ସମୟ ସେ କାର୍ଯ୍ୟାଳୟରେ ପଡ଼ିରହିବା ପରେ ବି ଘଟଣାସ୍ଥଳରେ ଉପସ୍ଥିତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କର କୌଣସି ଚିକିତ୍ସା ବ୍ୟବସ୍ଥା କରି ନ ଥିଲେ। ଖବର ପାଇ ବିଡିଓ ଶିବାନନ୍ଦ ସ୍ୱାଇଁ ପହଞ୍ଚି ସ୍ୱର୍ଣ୍ଣଲତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟାଳୟରେ ବ୍ୟାପକ ବେଆଇନ କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିଲା। ତେବେ ଆଜିର ଘଟଣା ଦୁଇ ଅଧିକାରୀଙ୍କ ମଧ୍ୟରେ ଥିବା ମତ ପାର୍ଥକ୍ୟ ଯୋଗୁ ଘଟିଛି ବୋଲି ଆଲୋଚନା ହେଉଛି। ତେବେ ଦୁଇ ମହିଳା ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ସରକାରୀ କାର୍ଯ୍ୟାଳୟ ପରିସରରେ ଏଭଳି ଘଟଣା ଘଟିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପାଣିଗ୍ରାହୀ କହିଛନ୍ତି, ସୁପରଭାଇଜର ଦାସ ବିନା କାରଣରେ ଅନୁପସ୍ଥିତ ଥିଲେ। ସେ ବିଷୟରେ ତାଙ୍କୁ ମୁଁ ପଚାରିବାରୁ ଅତ୍ୟନ୍ତ ଉତ୍ତେଜିତ ହୋଇ ସେ ବସିଥିବା ଚେୟାରରୁ ଖସିପଡ଼ିଥିଲେ। ମୋ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲି। ସୁପରଭାଇଜର ସ୍ୱର୍ଣ୍ଣଲତା କହିଛନ୍ତି, ତାଙ୍କୁ ଆକ୍ରମଣ କରାଯାଇଛି।


ବରୀ ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଗୋଳକୁଣ୍ଡ ପଞ୍ଚାୟତଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଛାତ୍ର ବିଜେଡିର ପ୍ରଶିକ୍ଷଣ ଶିବିର

**ବରୀ,୩୦।୭(ଡି.ଏନ.ଏ.)**

ବରୀ ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୋଳକୁଣ୍ଡ ପଞ୍ଚାୟତଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସଦିଚ୍ଛା ସାମଲ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ବରୀ ଅଞ୍ଚଳର ସାମାଜିକ କାର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ସୃଷ୍ଟି କରିବା ଏବଂ ବରୀର ବିକାଶ କ୍ଷେତ୍ରରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିଭିନ୍ନ ଗଠନ ମୂଳକ କାର୍ଯ୍ୟ କରିବା କ୍ଷେତ୍ରରେ ଛାତ୍ର ସମାଜ ଆଗଭର ହେବା ଉଚିତ୍ ବୋଲି ସେ ଏହି ଅବସରରେ ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକା ସୁନନ୍ଦା ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ଶରତ ଜେନା, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ପ୍ରାକ୍ତନ ସରପଞ୍ଚ ଆର୍ତ୍ତବନ୍ଧୁ ସାମଲଙ୍କ ସମେତ ବ୍ଲକ ଅଧୀନ ୨୯ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ୩ ବିଦ୍ୟାଳୟ ସ୍ଥିତି ସମୀକ୍ଷା କଲେ ବିଧାୟିକା

**ରସୁଲପୁର,୩୦।୭(ଡି.ଏନ.ଏ.)**

**ମଡେଲ ସ୍କୁଲ ଯୋଜନା**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ହିଙ୍ଗୁଳା ଗୋପାଳ ପଣ୍ଡା, ରାଉତରାପୁର ପଞ୍ଚାୟତର ଦର୍ଶନ ହାଇସ୍କୁଲ, ବନ୍ଧଡ଼ିହ ପଞ୍ଚାୟତର ବନ୍ଧଡ଼ହ ହାଇସ୍କୁଲକୁ ମଡେଲ ହାଇସ୍କୁଲରେ ପରିଣତ ପାଇଁ ପ୍ରସ୍ତାବ ରହିଛି। ତେଣୁ ଏହି ୩ଟି ବିଦ୍ୟାଳୟ ସ୍ଥିତି ସମୀକ୍ଷା ପାଇଁ ବରୀ ବିଧାୟିକା ସୁନନ୍ଦା ଦାସ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଯୋଜନାର ସାମିଲ ହୋଇଥିବା ପ୍ରତ୍ୟେକଟି ବିଦ୍ୟାଳୟରେ ୬୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବିନିଯୋଗ କରାଯିବ। ଓଡ଼ିଶା ଖଣିଜ ଆଞ୍ଚଳିକ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ସହାୟତା ଅର୍ଥକୁ ଏହି ଯୋଜନାରେ ବିନିଯୋଗ କରାଯିବ। ତେବେ ବିଦ୍ୟାଳୟର ଭିତ୍ତିଭୂମିରେ କ'ଣ ସମସ୍ୟା ରହିଛି। ଅର୍ଥ ବିନିଯୋଗ ସମୟରେ କେଉଁ ଦିଗପ୍ରତି ଅଧିକ ଧ୍ୟାନ ଦିଆଯିବ ସେ ନେଇ ବିଧାୟିକା ବିଦ୍ୟାଳୟ ପ୍ରଧାନଶିକ୍ଷକ, ପରିଚାଳନା କମିଟି, ଶିକ୍ଷାବିତ୍, ପୁରାତନ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବୈଠକରେ ବିଡିଓ ଉମାକାନ୍ତ ପରିଡ଼ା, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, ୩ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ରାଉତରାପୁର ସରପଞ୍ଚ ମମତା ମଲ୍ଲିକ, ପୁରାତନ ଛାତ୍ର ପ୍ରଭାତ ପୃଷ୍ଟି, ଶିକ୍ଷାବିତ୍ ମାଗୁଣି ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ଦଶରଥ ପୃଷ୍ଟି, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୧୭ ସ୍ଥିତି ବଜାୟ ରଖିବା କାଠିକର

**ରସୁଲପୁର,୩୦।୭(ଡି.ଏନ୍.ଏ.)**

**ରସୁଲପୁର ଭାଜପା ପାଇଁ ଚ୍ୟାଲେଞ୍ଜ**
■ବିଜେଡିରେ ଯୋଗଦେଇଛନ୍ତି ୨ ଜିଲା ପରିଷଦ ସଦସ୍ୟ

ରସୁଲପୁର ବ୍ଲକରେ ଭାଜପାରୁ ଇସ୍ତଫା ଦେଇଥିବା ୨ ଜଣ ଜିଲା ପରିଷଦ ସଦସ୍ୟ ଗତ ଶନିବାର ବିଜେଡିରେ ଯୋଗଦେଇଛନ୍ତି। ସେମାନେ ହେଲେ ୩୬ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ ଓ ୩୪ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଶ୍ମିରଞ୍ଜନ ନାୟକ। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ୨ ଜୋନ୍ ସ୍ତରୀୟ ନେତା ଭାଜପା ଛାଡ଼ିବା ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବ୍ଲକରେ ଦଳୀୟ ସ୍ଥିତି ଆଗାମୀ ନିର୍ବାଚନରେ ବଜାୟ ରଖିବା ଭାଜପା ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ବିଜେଡିର ଶକ୍ତି ବୃଦ୍ଧି ଘଟିଛି। ଯଦିବା ବିଜେଡିର ସ୍ଥାନୀୟ ସଂଗଠନରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି, କିନ୍ତୁ ନେତୃବୃନ୍ଦ ଦଳୀୟ ବିଶୃଙ୍ଖଳାକୁ ଠିକ୍ ଭାବରେ ପରିଚାଳନା କରିନେଉଥିବାରୁ ତାହା ପଦାକୁ ଆସିପାରୁ ନାହିଁ।

ରସୁଲପୁର ବ୍ଲକରେ ୪ଟି ଜିଲା ପରିଷଦ ଜୋନ୍ (ନମ୍ବର-୩୩, ୩୪, ୩୫, ୩୬) ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୩୩ ନଂ. ଜୋନ୍‌କୁ ଛାଡ଼ଦେଲେ ଅନ୍ୟ ୩ଟିରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାମିଲ ଥିବା ୩୪ ନଂ. ଓ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ଥିବା ୩୬ ନଂ. ଜୋନ୍‌ରେ ଭାଜପା ଜିତିଥିଲା। ୩୫ ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀଙ୍କଠାରୁ ବିଜେଡି ପ୍ରାର୍ଥୀ ସ୍ୱଳ୍ପ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହାକୁ ଦେଖିଲେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ରସୁଲପୁର ବ୍ଲକରେ ଭାଜପାର ସଂଗଠନ ବେଶ୍ ମଜଭୁତ୍ ଥିଲା। ଏଠି ଦଳ ଭୋଟରଙ୍କ ଆସ୍ଥା ଜିତିପାରିଥିଲା। ବ୍ଲକଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ବିରୋଧୀର ଭୂମିକା ନିର୍ବାହ କରିବା ଦିଗରେ ରସୁଲପୁର ବ୍ଲକର ପ୍ରତିନିଧିତ୍ୱ ଅତ୍ୟନ୍ତ ଶାଣିତ ଥିଲା। ତେବେ ଦଳ ଏହି ସୁଯୋଗକୁ ୫ବର୍ଷ ଧରି ରଖିବାରେ ବିଫଳ ହୋଇଛି। ୨୦୨୨ରେ ପୁଣି ପଞ୍ଚାୟତ ନିର୍ବାଚନ ହେବ। ତା'ପୂର୍ବରୁ ଭାଜପାର ୨ଜଣ ଜିଲା ପରିଷଦ ସଦସ୍ୟ ଶାସକ ବିଜେଡିରେ ସାମିଲ ହୋଇସାରିଲେଣି। ଫଳରେ ଆସନ୍ତା ନିର୍ବାଚନରେ ଭାଜପାକୁ ଆଶାନୁରୂପ ସଫଳତା ମିଳିବା କାଠିକର ପାଠ ବୋଲି ଆକଳନ କରାଯାଉଛି।

ରସୁଲପୁର ବ୍ଲକଟି ଧର୍ମଶାଳା, ବରୀ, କୋରେଇ ୩ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ ହୋଇଛି। ଏଠାରେ ଭାଜପା ପକ୍ଷରୁ ନେତୃତ୍ୱ ନେଉଥିବା ନେତାମାନଙ୍କୁ ନେଇ ଦଳରେ ଅସନ୍ତୋଷ ବଢୁଛି। ଏନେଇ ଚତୁର୍ଭୁଜ ଦ୍ୱିବେଦୀଙ୍କ କହିବାନୁଯାୟୀ, ଭାଜପା ନେତୃବୃନ୍ଦଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ସେମାନେ ତୃଣମୂଳ ସଂଗଠନକୁ ଗୁରୁତ୍ୱ ଦେଉନାହାନ୍ତି। ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହେଲେ। ଦଳୀୟ କାର୍ଯ୍ୟକ୍ରମରେ ସେମାନଙ୍କୁ କଣଠେସା କରାଗଲା। ତାଙ୍କ ଜୋନ୍‌ରେ ଦଳୀୟ ନେତୃତ୍ୱ କେତେକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେଥିରେ ତାଙ୍କୁ ଅଣଦେଖା କରାଯିବାରୁ ସେ ଭାଜପାରେ ରହିବାକୁ ଉଚିତ ମଣିଲେ ନାହିଁ ବୋଲି ଦ୍ୱିବେଦୀ କହିଛନ୍ତି। ସେହିପରି ରଶ୍ମିରଞ୍ଜନ ନାୟକ କହିଛନ୍ତି ଯେ, ଭାଜପାରେ ଶୃଙ୍ଖଳା ନାହିଁ। ସେ ଜଣେ ନିର୍ବାଚିତ ପ୍ରତିନିଧି ହୋଇଥିଲେ ବି ଦଳ ତାଙ୍କୁ ଗୁରୁତ୍ୱ ଦେଉ ନ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ତାଙ୍କୁ ଗୁରୁତ୍ୱ ଦେଲେ ନାହିଁ। ଦଳ ବିରୋଧୀ କାର୍ଯ୍ୟ କରୁଥିବା କେତେଜଣ ହାତଗଣତି ନେତାଙ୍କୁ ନେଇ ସଂଗଠନ ସଜାଡ଼ିବାରେ ଲାଗିପଡ଼ିଲେ। କଂଗ୍ରେସ ଛାଡ଼ିଥିବା ନାରୀ ନେତ୍ରୀଙ୍କୁ ନେଇ ଭାଜପାରେ ହୋଇଥିବା ମିଶ୍ରଣ ପର୍ବରେ ତାଙ୍କୁ ଅଣଦେଖା କରାଗଲା। ଦଳରେ ଅଣନିଃଶ୍ୱାସୀ ଅନୁଭବ କରୁଥିବାରୁ ଭାଜପା ଛାଡ଼ିଥିବା ନାୟକ କହିଛନ୍ତି। ଦଳୀୟ ନେତୃବୃନ୍ଦ କେବଳ ରାଜଧାନୀରେ ବସି ଖବରଦାତା ସମ୍ମିଳନୀରେ ରାଜନୀତିକୁ ସୀମିତ ରଖିଛନ୍ତି ବୋଲି ଭାଜପା ଛାଡ଼ିଥିବା ନେତାମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗକୁ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ ଖଣ୍ଡନ କରିଛନ୍ତି। ଏହି ନେତାମାନେ ଲାଭଲୋଭକୁ ଦୃଷ୍ଟିରେ ରଖି ଦଳ ଛାଡ଼ିଛନ୍ତି। ସେମାନେ ଦଳ ଭିତରେ ବିଶୃଙ୍ଖଳା ଥିବା କଥାକୁ କେବଳ ଆଳ କରୁଛନ୍ତି। ଯେଉଁମାନେ ଦଳ ଛାଡ଼ିଛନ୍ତି ସେମାନେ ଦଳୀୟ ବିଶୃଙ୍ଖଳା ସମ୍ପର୍କରେ କେବେହେଲେ ତାଙ୍କ ନଜରକୁ ଆଣିନାହାନ୍ତି। ଦଳ ଅଛି ମାନେ ନେତାଙ୍କ ଯିବା ଆସିବା ଲାଗି ରହିବ। ଯେଉଁମାନେ ଦଳ ଛାଡ଼ଛନ୍ତି ସେମାନେ ଦଳୀୟ ସାଂଗଠନିକ କାର୍ଯ୍ୟରେ କେବେ ହେଲେ ସକ୍ରିୟ ନ ଥିଲେ। ବରଂ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ସେମାନଙ୍କ ବିରୋଧରେ ଅଭିଯୋଗ ହେଉଥିଲା। ସେମାନଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କେଇଟା ମାସ ବାକି ଅଛି। ତା' ପୂର୍ବରୁ ସେମାନେ କେବଳ ନାଟକବାଜୀ କରୁଛନ୍ତି ବୋଲି ରାୟ କହିଛନ୍ତି।

**ସଂକ୍ଷେପରେ**

## ହବାକ୍ ହାଇସ୍କୁଲ କେନ୍ଦ୍ରରେ ୧୨ ପରୀକ୍ଷାର୍ଥୀ

**ଜି.ଉଦୟଗିରି,୩୦।୭(ଡି.ଏନ.ଏ.):** କରୋନା କଟକଣା ମଧ୍ୟରେ ଶୁକ୍ରବାର ଜି.ଉଦୟଗିରି ହବାକ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୨ ଜଣ ଛାତ୍ରୀଛାତ୍ର ଅଫ୍‌ଲାଇନ୍ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଚଳିତ ବର୍ଷ କରୋନା ସଂକ୍ରମଣ ପାଇଁ ପରୀକ୍ଷା ବାତିଲ ହୋଇଥିବା ବେଳେ କ୍ଲାସ ପରୀକ୍ଷାକୁ ଆଧାର କରି ଫଳ ପ୍ରକାଶ କରାଯାଇଥିଲା। ଏଥିରେ ଅସନ୍ତୁଷ୍ଟ ହେଲେ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଫ୍‌ଲାଇନ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି କ୍ରମରେ ୧୩ ଜଣ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ କରିଥିବା ବେଳେ ୧୨ ଜଣ ପରୀକ୍ଷା ଦେଇଛନ୍ତି ବୋଲି କହିଛନ୍ତି ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର ମିଶ୍ର।

## ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ

**ଫୁଲବାଣୀ ଅଫିସ, ୩୦।୭:** କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ନମରବାଲି ଘାଟି ରାସ୍ତାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରିଛି । ସେ ହେଲେ ଫୁଲବାଣୀ ପିଥନପଡାର ମୋହନ ଚୌଧୁରୀ । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୋହନଙ୍କ ସ୍ତ୍ରୀ ରିଙ୍କି ଚୌଧୁରୀ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି। ଗୋଚ୍ଛାପଡା ବଜାର ଆଖପାଖ ଅଞ୍ଚଳରେ ଫୁଲବାଣୀ ପିଥନପଡା ମା' ମଙ୍ଗଳାସାହିର ପୂର୍ଣ୍ଣଚନ୍ଦ୍ର ଦିଗାଳ ଲିଜ୍ ସୂତ୍ରରେ ଏକ ପୋଖରୀ ନେଇ ମାଛ ଚାଷ କରୁଥିଲେ । ଶୁକ୍ରବାର ପୋଖରୀରେ ଚୂନ ପକାଇବା ପାଇଁ ସେ ସାଙ୍ଗ ମୋହନଙ୍କୁ ନେଇ ଅଟୋରେ ଯାଇଥିଲେ। ଫେରିଲା ବେଳେ ନମରବାଲି ଘାଟିରେ ଅଟୋ ଖରାପ ହୋଇଥିଲା । ସନ୍ଧ୍ୟା ହୋଇଯିବାରୁ ମୋହନ ପୂର୍ଣ୍ଣଙ୍କୁ ଛାଡି ଚାଲି ଚାଲି ଘରକୁ ଫେରୁଥିଲେ। ପୂର୍ଣ୍ଣ ଅଟୋ ମରାମତି କରି ରାତିରେ କଟ୍ରିଙ୍ଗିଆ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଚାଲି ଯାଇଥିଲେ । ସେଠାରୁ ସେ ଫୋନ କରି ମୋହନ ପହଞ୍ଚିଲେଣି କି ନାହିଁ ପରିବାର ଲୋକଙ୍କୁ ପଚାରିବାରେ ପରିବାର ଲୋକେ ମନା କରିଥିଲେ । ସକାଳେ ପୂର୍ଣ୍ଣଚନ୍ଦ୍ର ଗାଡି ନେଇ ଖୋଜିବା ବେଳେ ନମରବାଲି ଘାଟି ରାସ୍ତାରେ ମୋହନଙ୍କ ମୃତଦେହ ପଡିଥିବା ଦେଖି ଖବର ଦେଇଥିଲେ । ମୋହନଙ୍କ ସ୍ତ୍ରୀଙ୍କ ଏତଲା ପ୍ରକାରେ ପୋଲିସ ନଂ.୫୭/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । କୌଣସି ଏକ ଗାଡି ଧକ୍କାରେ ମୋହନଙ୍କ ମୃତ୍ୟୁ ହୋଇଛି ବୋଲି ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି ।

## ଭାରସାମ୍ୟ ହରାଇ ଓଲଟିଲା ବସ୍, ୫ ଆହତ

**ଫୁଲବାଣୀ ଅଫିସ, ୩୦।୭:** ଟିକାବାଲି ଥାନା ଶଙ୍କରାଖୋଲ କଲେଜ ବାଙ୍କଠାରେ ବରଗଡରୁ ବ୍ରହ୍ମପୁର ଯାଉଥିବା ଓସ୍‌ଆରଟିସିର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଜଣେ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୨ଟାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ କଲେଜ ବାଙ୍କ ପାଖରେ ଥିବା ଗଛରେ ବସ୍(ଓଡି-୦୨ଏଚ୍-୨୧୬୫)ଟି ପିଟି ହୋଇଥିଲା। ବସରେ ପ୍ରାୟ ୨୫ ଯାତ୍ରୀ ଥିଲେ। କେହି ଜଣେ ଯାତ୍ରୀ ଦୁର୍ଘଟଣା ସମ୍ପର୍କରେ ଥାନାକୁ ଖବର ଦେଇଥିଲେ । ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତ ଏବଂ ଗୁରୁତରମାନଙ୍କୁ ପ୍ରଥମେ ଟିକାବାଲି ମେଡିକାଲକୁ ନେଇଥିଲେ। ଆହତ ଡ୍ରାଇଭର ଦେବାର୍ଚ୍ଚନ ହାତୀ ଓ ଅଭିମନ୍ୟୁ ପଣ୍ଡା ଟିକାବାଲିରେ ଚିକିତ୍ସାଧିନ ଅଛନ୍ତି। ଗୁରୁତର ଅବସ୍ଥାରେ ଅନ୍ୟ ୨ ଜଣଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଚୁପ୍

**ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ଅଟକ ଘଟଣା**



- କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଆୟୁଧ
- ନିର୍ଦ୍ଦୋଷ ଶିକ୍ଷକଙ୍କୁ ଦଣ୍ଡ ନ ଦେବାକୁ କରାଯାଉଛି ନିବେଦନ
- ନୋତର ଆଦର୍ଶ ବିଦ୍ୟାଳୟରେ ବଢୁଛି ବିବାଦ

**ନୟାଗଡ଼ ଅଫିସ,୩୦।୭**

ନୟାଗଡ଼ ବ୍ଲକ ନୋତରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଗତ ବୁଧବାର ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ସ୍କୁଲ ସମ୍ମୁଖରେ ୧ ଘଣ୍ଟାରୁ ଉର୍ଦ୍ଧ ସମୟ ଅଟକ ରଖିବା ଘଟଣା ଧିରେ ଧିରେ ବିବାଦୀୟ ହେବାରେ ଲାଗିଛି । ଏଭଳିସ୍ଥଳେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦନ୍ତ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଫାଟକରେ ତାଲା ପକାଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବା ୫ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ବୋଲି ବିଶ୍ୱସ୍ତ ସୁତ୍ରରୁ ଖବର ମିଳିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ ପାଇଁ ବିବାଦୀୟ ଶିକ୍ଷକମାନେ ଦଶମ ଶ୍ରେଣୀ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରୁଥିବାର ଦେଖିବାକୁ ମିଳିଛି । ଏହି ଛାତ୍ରୀଛାତ୍ରଙ୍କ ମୁହଁରେ ଆମ ଶିକ୍ଷକମାନେ ନିର୍ଦ୍ଦୋଷ ବୋଲି କୁହାଯାଉଛି । ଏପରିକି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିବେଦନ କରାଯାଉଛି । ଯେଉଁ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଛି ସେମାନେ ଆମକୁ ଭଲ ପଢ଼ାନ୍ତି। ସେମାନଙ୍କୁ ଅଯଥା ଫସା ନ ଯାଉ ବୋଲି ଅନୁରୋଧ କରାଯାଇଛି । ଏନେଇ ଓଡିଆ ଓ ଇଂଲିଶରେ ମେସେଜ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ସେୟାର କରାଯାଉଛି । ଗଣମାଧ୍ୟମର ପ୍ରତିନିଧିଙ୍କୁ ହ୍ୱାଟସଅପ୍ ଯୋଗେ ଓ ଫୋନରେ ଅନୁରୋଧ କରାଯାଉଛି ।

ପ୍ରକାଶ ଯେ, ବିଦ୍ୟାଳୟରେ କରୋନା କଟକଣା ନିୟମକୁ ଅଣଦେଖା କରାଯାଇଥିବାର ଅଭିଯୋଗ ଆଣି ୫ରୁ ଊର୍ଦ୍ଧ୍ୱ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧ ଘଣ୍ଟା ବାହାରେ ଛିଡା କରାଇ ରଖିଥିଲେ। ଏପରିକି ଘଟଣାର ତଦନ୍ତ କରିବାକୁ ଯାଇଥିବା ଆଦର୍ଶ ବିଦ୍ୟାଳୟର ତଦାରଖ ଅଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଓ ଜିଲା ବିଜ୍ଞାନ ନୀରିକ୍ଷକ ଶରତ କୁମାର ସାହୁଙ୍କୁ ଠେଲାପେଲା ଓ ମାରପିଟ୍ କରିଥିଲେ । ଶାନ୍ତି ପ୍ରତିଷ୍ଠା କରିବାକୁ ଯାଇଥିବା ଇଟାମାଟି ଥାନା ପୋଲିସକୁ ଦୁର୍ବ୍ୟବହାର କରିଥିଲେ । ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ନୟାଗଡ଼ ଆଦର୍ଶ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା । ବୁଧବାର ଘଟଣା ସମ୍ପର୍କରେ ସ୍କୁଲ ଅଧକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଛନ୍ତି । ଆଦର୍ଶ ବିଦ୍ୟାଳୟର ତଦାରଖ ଅଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷ ଅଧିକାରୀ ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେବେ । ଏନେଇ ଆଦର୍ଶ ବିଦ୍ୟାଳୟର ତଦାରଖ ଅଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ କୁହନ୍ତି, ମୋ ରିପୋର୍ଟ ମୁଁ ଜିଲା ଶିକ୍ଷାର ଅଧିକାରୀଙ୍କୁ ଦେଇ ସାରିଛି । ଜିଲା ଶିକ୍ଷା ସୁରକ୍ଷା ୟୁନିଟ ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା କୁହନ୍ତି, ଆଦର୍ଶ ବିଦ୍ୟାଳୟର ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ଅଟକ ଘଟଣା ସମ୍ପର୍କରେ ଆମେ ଅବଗତ ନ ଥିଲୁ । ଏନେଇ ଆମେ ଜିଲାପାଳଙ୍କ ସହ ଆଲୋଚନା କରିବୁ । ସୋମବାର ସ୍କୁଲ ଖୋଲିବା ପରେ ଘଟଣାର ତଦନ୍ତ କରିବୁ ।

## ସିଆର୍‌ସିସି, ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ମାସକର ଦରମା ବନ୍ଦ**

**ଛତ୍ରପୁର,୩୦।୭(ଡି.ଏନ.ଏ)**

କାର୍ଯ୍ୟରେ ଅବହେଳା ଓ ଅନୁମତି ନ ନେଇ ଅନୁପସ୍ଥିତ ରହିବା ଭଞ୍ଜନଗର ବ୍ଲକ ଜିଲୁଣ୍ଡି କ୍ଲଷ୍ଟରର ସିଆର୍‌ସିସି ରାଘବ ନାୟକ ଓ ଅକୁଆପଦର ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ଭଜରାମ ସେଠୀଙ୍କୁ ମହଙ୍ଗା ପଡ଼ିଛି। ଭଞ୍ଜନଗର ବ୍ଲକ ଶିକ୍ଷାଧିକାରୀ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ନୋଟିସର ଉତ୍ତର ନ ରଖିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ଏଥିସହ ସେମାନଙ୍କର ଜୁଲାଇ ମାସର ଦରମା ବନ୍ଦ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଚିଠି ଦ୍ୱାରା ଜଣାଇଛନ୍ତି । ସହକାରୀ ଶିକ୍ଷକ ସେଠୀ ଦୀର୍ଘ ଦିନ ହେଲା ବିନା ଅନୁମତିରେ ସ୍କୁଲରେ ଅନୁପସ୍ଥିତ ଥିବା ନେଇ ପ୍ରଧାନଶିକ୍ଷକଙ୍କ ଠାରୁ ରିପୋର୍ଟ ମିଳିଥିଲା। ଏହା କାର୍ଯ୍ୟରେ ଅବହେଳା ଦର୍ଶାଉଛି ବୋଲି ବିଇଓ କହିଛନ୍ତି। ସେହିପରି ବିନା ଅନୁମତିରେ ଅନୁପସ୍ଥିତ ରହିବା ସହ ୨୭ ତାରିଖ ସମୀକ୍ଷା ବୈଠକରେ ସିଆରସିସି ନାୟକ ଉପସ୍ଥିତ ନ ଥିବାରୁ ତାଙ୍କୁ ନୋଟିସ ଜାରି ହୋଇଛି।

## ୧୫ ଦିନରେ ଦୁଇ ଅନାଥ ନବଜାତ ଏସ୍‌ଏନ୍‌ସିୟୁରେ ଭର୍ତ୍ତି

**ବ୍ରହ୍ମପୁର ଅଫିସ/ହିଞ୍ଜିଳିକାଟୁ (ଡି.ଏନ୍,ଏ),୩୦।୭**

ଗଞ୍ଜାମ ଜିଲାରେ ଗତ ୧୫ ଦିନ ମଧ୍ୟରେ ୨ ଅନାଥ ନବଜାତ ଶିଶୁ ଉଦ୍ଧାର ହେବା ସହ ବଡମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ରହିଥିବା ବେଳେ ଅନ୍ୟ ଜଣେ ପୁତ୍ର ଅଟେ। ଗତ ୧୭ ତାରିଖରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟା ଜନ୍ମ ଦେବା ପରେ ମା' ମେଡିକାଲରୁ ଗାଏବ ହୋଇଯାଇଥିଲେ। ପ୍ରସବ ସମୟରେ ମହିଳା ଜଣକ ହସ୍ପିଟାଲରେ ନିଜର ଭୁଲ ଠିକଣା ଦେଇଥିଲେ। ପରେ ଶିଶୁଟିକୁ ଚାଇଲ୍ଡ ଲାଇନ୍ ସହାୟତାରେ ଏମ୍‌କେସିଜି ମେଡିକାଲ ସ୍ୱତନ୍ତ୍ର ନବଜାତ ସୁରକ୍ଷା ବିଭାଗ (ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରାଯାଇଥିଲା। ୧୦ ଦିନ ଧରି ଶିଶୁଟି ଚିକିତ୍ସିତ ହୋଇଥିଲା। ପରେ ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ ତାକୁ ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ କେନ୍ଦ୍ର(ସା)ହେପାଜତରେ ରଖାଯାଇଛି। ଅନ୍ୟପକ୍ଷରେ ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଗ୍ରାମର ଏକ ଗଛମୂଳରେ ନବଜାତ ଶିଶୁଟି ପଡିଥିବା ସ୍ଥାନୀୟ ସିଡିପିଓ ରୀତାରାଣୀ ରାଉଳଙ୍କଠାରୁ ଶୁକ୍ରବାର ବ୍ରହ୍ମପୁର ଚାଇଲଡ୍ ଲାଇନକୁ ସୂଚନା ମିଳିଥିଲା। ପରେ ଉଭୟଙ୍କ ମିଳିତ ଉଦ୍ୟମରେ ଶିଶୁଟିକୁ ଉଦ୍ଧାର କରାଯାଇ ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେହିପରି ଏନେଇ ଶିଶୁ ମଙ୍ଗଳ ସମିତିକୁ ଜଣାଇ ଦିଆଯାଇଛି। ଶିଶୁଟିର ଓଜନ ୨କେଜି ୨ଶହ ଗ୍ରାମ ରହିଛି। ତାର ଶରୀରର ତାପମାତ୍ରା ଓ ଶ୍ୱାସକ୍ରିୟା ସ୍ୱାଭାବିକ ରହିଛି ବୋଲି ଚାଇଲଡ ଲାଇନ କେନ୍ଦ୍ରୀୟ ସଂଯୋଜକ ସାଇ ପ୍ରସାଦ ସାମଲ ସୂଚନା ଦେଇଛନ୍ତି। ଶିଶୁଟି ସୁସ୍ଥ ହେବା ପରେ ସା' ହେପାଜତକୁ ଯିବ ବୋଲି ମଧ୍ୟ ସେ କହିଛନ୍ତି।

# ବନା ପୋଖରୀରେ ମାଛ ମଡ଼କ

**ବ୍ରହ୍ମପୁର ଅଫିସ୍,୩୦।୭**



ପୋଖରୀରେ ଭାସୁଥିବା ମଲାମାଛ ।

**ବିଏମ୍‌ସି ପକ୍ଷରୁ ନମୁନା ସଂଗ୍ରହ**

ବ୍ରହ୍ମପୁର ମହାନଗର ନିଗମ ୩୫ ନଂ. ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲୀସ୍ଥିତ କୃଷ୍ଣନଗରଠାରେ ଥିବା ବନା ପୋଖରୀରେ ଶୁକ୍ରବାର ବହୁ ସଂଖ୍ୟକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହାକୁ ଦେଖିବା ପରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏହାପରେ ବିଏମ୍‌ସି ଓ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏକ ବିଶେଷଜ୍ଞ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ଆସନ୍ତା ସପ୍ତାହକ ମଧ୍ୟରେ ରିପୋର୍ଟ ଆସିବା ପରେ ମାଛ ମଡ଼କର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଗତ ୨ ଦିନ ଧରି ପୋଖରୀରେ ମାଛ ମରି ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଶୁକ୍ରବାର ବହୁ ସଂଖ୍ୟାରେ ମାଛ ମରି ଭାସୁଥିବା ଦେଖିବା ପରେ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପୋଖରୀରେ ବିଷକ୍ରିୟା ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏହି ପୋଖରୀ ଉପରେ ଆଖପାଖ ଅଞ୍ଚଳର ଅଧିକାଂଶ ଲୋକ ବିଭିନ୍ନ କାର୍ଯ୍ୟ ଲାଗି ନିର୍ଭର କରନ୍ତି।

## ବଜ୍ରକାପ୍ତା ଉଦ୍ଧାର

**ପାତ୍ରପୁର,୩୦।୭ (ଡି.ଏନ୍.ଏ)**

ସାମନ୍ତିଆପଲ୍ଲି ବନାଞ୍ଚଳ ଖମ୍ବାରିଗାଁ ପଞ୍ଚାୟତ ବାବନପୁର ଗ୍ରାମରୁ ଶୁକ୍ରବାର ଏକ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି। ଉକ୍ତ ଗ୍ରାମର ଆର୍. ଈଶ୍ୱରଙ୍କ ବାଡ଼ିପଟେ ଥିବା ପିଜୁଳି ଗଛରେ ବଜ୍ରକାପ୍ତାଟି ରହିଥିବା ଦେଖି ଗ୍ରାମର ଲୋକମାନେ ବନ ବିଭାଗକୁ ଜଣାଇଥିଲେ। ସାମନ୍ତିଆପଲ୍ଲି ବନାଞ୍ଚଳ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ।

## ଆସିକା ଏନ୍‌ଏସି ହାଇସ୍କୁଲରେ ୨୮ ମାଟ୍ରିକ୍ ପରୀକ୍ଷାର୍ଥୀ

**ଆସିକା,୩୦।୭ (ଡି.ଏନ୍.ଏ.)**

ଆସିକା ଏନ୍‌ଏସି ହାଇସ୍କୁଲରେ ଶୁକ୍ରବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଏଠାରେ ମୋଟ ୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮ ଜଣ ପରୀକ୍ଷା ଦେଇଛନ୍ତି। ରେଗୁଲାର ୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ଓ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ୩୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦ଜଣ ପରୀକ୍ଷା ଦେଇଥିଲେ। ଆସିକା ବ୍ଲକର ସମୁଦାୟ ୩୪ ଉଚ୍ଚବିଦ୍ୟାଳୟ ମଧ୍ୟରୁ ୬ ଉଚ୍ଚ ବିଦ୍ୟାଳୟର ୮ ଜଣ ପରୀକ୍ଷା ଦେଇଛନ୍ତି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ପାତ୍ରଙ୍କ ତତ୍ତ୍ୱାବଧାନରେ ଦିଗାମ୍ବର ପ୍ରଧାନ, କେନ୍ଦ୍ର ନିରୀକ୍ଷକ ଭାବେ ପରୀକ୍ଷା ପରିଚାଳନା କରିଛନ୍ତି।

## ବାଲି ଟ୍ରାକ୍ଟର ଜବତ

**କାଶୀନଗର,୩୦।୭(ଡି.ଏନ.ଏ.)**

କାଶୀନଗର ବଂଶଧାରା ବାଲି ର୍‌ୟାମ୍ପ ନଂ-୧ରୁ ଟ୍ରାକ୍ଟର ଯୋଗେ ବାଲି ନେଉଥିବା ଦୁଇଟି ଟ୍ରାକ୍ଟରକୁ ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁ ହାଟୁଭଙ୍ଗିଠାରେ ତନଖି କରିଥିଲେ। ର୍‌ୟାମ୍ପ ରସିଦ ନେଇ ଉପଯୁକ୍ତ ସମୟରେ ବାଲି ନ ନେବା ଓ ଗୋଟିଏ ଗାଡ଼ି ନମ୍ବର ରସିଦ ରଖି ଅନ୍ୟ ଗାଡ଼ିରେ ବାଲି ବୋଝେଇ କରି ନେଉଥିବା ଜାଣିବା ପରେ ସେମାନଙ୍କଠାରୁ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ମାଲିକ, ଡ୍ରାଇଭର କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୩୦।୭**

**ଏନ୍‌ଫୋର୍ସମେଣ୍ଟ ଟିମ୍ କବଳରୁ ଟ୍ରାକ୍ଟର ଛଡାଇନେବା ମାମଲା**




କୋର୍ଟ ଚାଲାଣ ହୋଇଥିବା ମାଲିକ ଓ ଡ୍ରାଇଭର ।

କନିଷି ତହସିଲର ଏକ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଧମକ ଦେଇ ଜବତ ଟ୍ରାକ୍ଟର ଛଡାଇ ନେବା ମାମଲାରେ ବ୍ରହ୍ମପୁର ସଦର ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରାକ୍ଟର ମାଲିକ ଭାବିନିପୁର ଗ୍ରାମର ସନ୍ତୋଷ କୁମାର ରାଉଳ ଓ ଡ୍ରାଇଭର ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶିକୁଳାପଲିର ସୁଦାମ ଦାସ। ପୋଲିସ ଅଭିଯୁକ୍ତଙ୍କଠାରୁ ଟ୍ରାକ୍ଟର ଜବତ କରିଛି। ମାମଲା ନମ୍ବର ୨୫୨/୨୧ରେ ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ଘଟଣାରୁ ପ୍ରକାଶ, କନିଷି ତହସିଲଦାରଙ୍କ ନିର୍ଦ୍ଦେଶରେ କେତେକ ଆରଆଇଙ୍କୁ ନେଇ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ ହୋଇଛି। ଅଞ୍ଚଳରେ ବେଆଇନ ଭାବେ ପଥର ଓ ମୋରମ ଚାଲାଣ ଉପରେ ସେମାନେ ଦୃଷ୍ଟି ରଖିଥାନ୍ତି। ଗୁରୁବାର ଝାଡ଼ାଙ୍କୁଲିରେ ଥିବା ଏକ କ୍ୱାରିରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ନେଇ ଟିମ୍‌କୁ ଖବର ମିଳିଥିଲା। ସେହି ଅନୁଯାୟୀ ଉକ୍ତ ଟିମ୍ ସେଠାରେ ଚଢାଉ କରିଥିଲା। ଉକ୍ତ ପଥର ବୋଝେଇ ଜବତ ଟ୍ରାକ୍ଟରକୁ ବଡ଼କୁସସ୍ଥଳୀ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟକୁ ନିଆଯାଉଥିବା ବେଳେ ଗୁରୁଣ୍ଟି ଛକରେ ମାଲିକ ପହଞ୍ଚିଥିଲେ। ମାଲିକ ସନ୍ତୋଷ କୁମାର ରାଉଳ ଓ ଡ୍ରାଇଭର ସୁଦାମ ଦାସ ଉକ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ଥିବା ଡୋରା ଆରଆଇ ନିରାକାର ସେଠୀ ଓ ଟିମ୍‌କୁ ଛୁରି ଦେଖାଇ ଭୟଭୀତ କରିଥିଲେ। ପରେ ଟ୍ରାକ୍ଟରକୁ ଛଡାଇ ନେଇଯାଇଥିଲେ। ଏନେଇ ଆରଆଇ ସେଠୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟ ଏକ ପ୍ରେସ୍ ନୋଟରେ ସୂଚନା ଦେଇଛନ୍ତି।

## ୯ରେ ଆନ୍ଦୋଳନ ନିଷ୍ପତ୍ତି

**ଜିଲା କଳାକାର ଏକତା ମଞ୍ଚର ପ୍ରସ୍ତୁତି ବୈଠକ**



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ୍,୩୦।୭**

ରାଜ୍ୟ କଳାକାର ସଂଘର ଆନ୍ଦୋଳନ ଡାକରା କ୍ରମେ ଗଞ୍ଜାମ ଜିଲା କଳାକାର ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ବ୍ରଜନଗରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସବୁ ବର୍ଗର କଳାକାର ସଂଘ, ଜିମ୍, ପାର୍ଲର ସଂଘ, ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ଅଗଷ୍ଟ ୯ରେ ରାଜ୍ୟର ସବୁ ଜିଲାର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାକାର ସଂଗଠନମାନଙ୍କ ଦ୍ୱାରା ଦାବିପତ୍ର ପ୍ରଦାନ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏଥିସହ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ଜିଲା କଳାକାର ମହାସଂଘ, ଦଣ୍ଡନାଚ ମହାସଂଘ, ଜଗାବଳିଆ କଲ୍‌ଚରାଲ୍ ଏକାଡେମୀ, ଶାଶ୍ୱତୀ, ପୁଷ୍ପାଞ୍ଜଳି ନାଟ୍ୟ ସଂସ୍ଥା ସମେତ ଅନ୍ୟାନ୍ୟ ସଂଘ ସାମିଲ ହେବେ। ବୈଠକରେ ଗଞ୍ଜାମ ଜିଲା କଳାକାର ଏକତା ମଞ୍ଚ ତରଫରୁ ନାଟ୍ୟ ନିର୍ଦ୍ଦେଶକ କୃଷ୍ଣ ପଣ୍ଡା ଓ ଟୁଟୁ ପାଢୀଙ୍କ ସମେତ ଅନିଲ ପାତ୍ର, ଶିବରାମ ପାତ୍ର, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ରମେଶ ମହାରଣା, ମାନସ ପ୍ରଧାନ, ଦେବେନ୍ଦ୍ର ଶର୍ମାଙ୍କ ସହ ବହୁ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ସମର୍ଥନ ଜ୍ଞାପନ କରିଥିଲେ।

# ଗଞ୍ଜେଇ ଭର୍ତ୍ତି କାର୍ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୩୦।୭**

**ଗଜପତିରୁ ବ୍ରହ୍ମପୁର ଦେଇ ବିହାର ଚାଲାଣ**



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଡୁଡୁମା କଲୋନୀ ଛକରୁ ଅବକାରୀ ଗୋଇନ୍ଦା ବିଭାଗ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରିଛି। ଲୋଚାପଡ଼ାର ଭାବଗ୍ରାହୀ ସାହୁଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇ ବ୍ରହ୍ମପୁରରୁ ଅନ୍ୟ ଏକ ଗାଡ଼ିରେ ବିହାର ଚାଲାଣ ହୋଇଥାନ୍ତା ବୋଲି ଜଣାପଡ଼ିଛି। ଅବକାରୀ ବିଭାଗର ଏକ ଟିମ୍ ଶୁକ୍ରବାର ସକାଳେ ଡୁଡୁମା କଲୋନୀ ଛକରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଆସୁଥିବା କାର (ନଂ.ଓଆର ୦୭ ଆର ୩୧୦୧)କୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରାଯାଇଥିଲା। ସେଥିରୁ ୧୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଭାବଗ୍ରାହୀଙ୍କୁ ଗିରଫ କରାଯାଇଥିଲା। ଗଜପତି ଜିଲା ମୋହନା ଅଞ୍ଚଳରୁ ଏହି ଗଞ୍ଜେଇ ଅଭିଯୁକ୍ତ ଭାବଗ୍ରାହୀ ଆଣିଥିବା ଜେରା ବେଳେ ସ୍ୱୀକାର କରିଥିଲେ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ାଉରେ ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ପ୍ରମୁଖ ସାମିଲ ଥିଲେ। ସେହିପରି ଅବକାରୀ ବିଭାଗର ଅନ୍ୟ ଏକ ଟିମ୍ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ କୁମ୍ଭଝରି ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ସେଠାରେ ଚଢାଉ କରିଥିଲେ। ଭାଟିରେ ମଦ ପ୍ରସ୍ତୁତ ପାଇଁ ଥିବା ୧୦୦୦ ଲିଟର ଗୁଡ଼ ମିଶ୍ରିତ ପୋଚକୁ ନଷ୍ଟ କରାଯାଇଥିଲା। ସେହିପରି ସେଠାରୁ ୧୦୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା ବୋଲି ଅବକାରୀ ଇନ୍ସପେକ୍ଟର ସାମନ୍ତ ସୂଚନା ଦେଇଛନ୍ତି।

# ଯୋଗାଣ ପ୍ରକଳ୍ପ ଭିତ୍ତିଭୂମି ଅନୁଧ୍ୟାନକଲେ ମୁଖ୍ୟଯନ୍ତ୍ରୀ

**ଭଞ୍ଜନଗର,୩୦।୭(ଡି.ଏନ.ଏ)**



ମୁଖ୍ୟଯନ୍ତ୍ରୀ ଋଷିକୁଲ୍ୟା ନଦୀ ନିକଟରେ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ।

**୧୧ ବ୍ଲକରେ ଖର୍ଚ୍ଚ ହେବ ୧୪୦୭ କୋଟି**

ଶୁକ୍ରବାର ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ବାରିକ ଭଞ୍ଜନଗର ଗସ୍ତରେ ଆସି ଆଗକୁ ହେବାକୁ ଥିବା ବିଭିନ୍ନ ମେଗା ଜଳ ଯୋଗାଣ ପ୍ରକଳ୍ପ ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି । ପୂର୍ବାହ୍ନରେ ସ୍ଥାନୀୟ ଅଧିକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭଞ୍ଜନଗର ପରିମଳ ଖଣ୍ଡର ୧୧ଟି ବ୍ଲକର ବିଭିନ୍ନ ସ୍ଥାନରେ ହେବାକୁ ଥିବା ପ୍ରକଳ୍ପର ଭିତ୍ତିଭୂମି ଉପରେ ସମୀକ୍ଷା କରିଥିଲେ। ଏହାପରେ ପୁରୁଷୋତ୍ତମପୁର ଏବଂ କବିସୂର୍ଯ୍ୟନଗର ଅଭିମୁଖେ ଯାଇ ସେଠାରେ ଭିତ୍ତିଭୂମି ଦେଖିଥିଲେ । ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଯିବା ପରେ ଅର୍ଥ ଅନୁମୋଦନ ହୋଇ ଟେଣ୍ଡର ହେବ। ଭଞ୍ଜନଗର ଅଧିକ୍ଷଣଯନ୍ତ୍ରୀଙ୍କ ଅଧୀନରେ ହେବାକୁ ଥିବା ୪ଟି ପ୍ରକଳ୍ପ ବାବଦକୁ ପ୍ରାୟ ୧୪୦୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଦଶପଲ୍ଲା ଗଣିଆ ନିକଟ ମହାନଦୀରୁ ପାଇପ ଯୋଗେ ପାଣି ଆଣି ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ଆସିକା ବ୍ଲକ ସମେତ ଧରାକୋଟ ଓ ପୋଲସରା ବ୍ଲକର କେତକ ପଞ୍ଚାୟତକୁ ପାଣି ଯୋଗାଇବା ଯୋଜନା ଅଛି । ଏ ବାବଦରେ ୫୩୦ କୋଟି ୧୬ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ପ୍ରାଥମିକ ଅଟକଳ କରାଯାଇଛି । ବୁଗୁଡ଼ା ଓ ପୋଲସରା ବ୍ଲକର ବଳକା ପଞ୍ଚାୟତକୁ ପାଣି ଦେବାପାଇଁ ଆଉ ଏକ ପ୍ରକଳ୍ପରେ ୨୪୪ କୋଟି ଖର୍ଚ୍ଚ ହେବ । କବସୂର୍ଯ୍ୟନଗର, ପୁରୁଷୋତ୍ତମପୁର ବ୍ଲକ ପାଇଁ ୩୮୧ କୋଟି ଖର୍ଚ୍ଚ ହେବ । ଧରାକୋଟ ଓ ସୋରଡ଼ା ବ୍ଲକ ପାଇଁ ୨୫୨ କୋଟି ୩୮ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଯୋଜନା ଅଛି। ଋଷିକୁଲ୍ୟା ନଦୀ ଏବଂ ସାଳିଆ ଜଳଭଣ୍ଡାରରୁ ପାଣି ପାଇପ ଯୋଗେ ଆଣି କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଆଦି ଅଞ୍ଚଳକୁ ପାଣି ଦେବାପାଇଁ ଯୋଜନା କରାଯାଇଛି । ମୁଖ୍ୟଯନ୍ତ୍ରୀଙ୍କ ଗସ୍ତ ସମୟରେ ଭଞ୍ଜନଗର ଅଧିକ୍ଷଣଯନ୍ତ୍ରୀ ସରୋଜ କୁମାର କର, ଭଞ୍ଜନଗର ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ, ପୋଲସରା ଏସ୍‌ଡ଼ିଓ ତୁଷାରକାନ୍ତ ସାହୁଙ୍କ ସମେତ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅଗଷ୍ଟ ୧୭ରେ ଭାପୁର ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ନୟାଗଡ଼ ଅଫିସ,୩୦।୭:** ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ଅଗଷ୍ଟ ୧୭ରେ ଅନାସ୍ଥା ଭୋଟ ହେବ। ଏନେଇ ଉପଜିଲାପାଳ ଲମ୍ବଜିତ ରାଉତ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପଡ଼ା ତହସିଲଦାର ମତଦାନ ଓ ଭାପୁର ତହସିଲଦାର ଆଇନଶୃଙ୍ଖଳା ଦାୟିତ୍ୱରେ ରହିବେ। ବ୍ଲକ ଅଧକ୍ଷାଙ୍କ ବିରୋଧରେ ୧୮ଜଣ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ଆଗତ କରିଥିଲେ ।

### ପୁଣି ୨୫ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୩୦।୭:** ଶୁକ୍ରବାର ନୟାଗଡ଼ ଜିଲାରେ ୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ବ୍ଲକରେ ୨, ଗଣିଆ ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୪, ନୟାଗଡ଼ ବ୍ଲକରେ ୫, ନୂଆଗାଁ ବ୍ଲକରେ ୨, ଓଡ଼ଗାଁ ବ୍ଲକରେ ୫, ରଣପୁର ବ୍ଲକ ୩ ଓ ନୟାଗଡ଼ ପୌରାଞ୍ଚଳରୁ ୩ ଜଣ ଅଛନ୍ତି । ଏହି ସଂଖ୍ୟାକୁ ମିଶାଇ ଜିଲାରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୫୧୪ ରେ ପହଞ୍ଚିଛି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୪୩ ଜୀବନ ନେଇ ସାରିଛି।

### ୨ ଫେରାର ଅଭିଯୁକ୍ତ ଗିରଫ

**ନୂଆଗାଁ ୩୦।୭ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ନୂଆଗାଁ ଥାନାଧିକାରୀ ରମେଶ କୁମାର ଦେଇଥିବା ସୂଚନା ଅନୁଯାୟୀ, ସ୍ତ୍ରୀଙ୍କୁ ଭରଣପୋଷଣ ଦେଇ ନ ଥିବା ଅଭିଯୋଗରେ ଜଗନ୍ନାଥପ୍ରସାଦ ଗ୍ରାମର କରୁଣାକର ପ୍ରଧାନ ଓ ନାବାଳିକା ଅପହରଣ ଅଭିଯୋଗରେ ଦଶପଲ୍ଲା ଥାନା ତେନ୍ତୁଳିଆ ଗ୍ରାମର ମନୋଜ କୁମାର ନାୟକ ଓରଫ ବୁଲୁ ନାୟକଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଉଭୟ ଅନେକ ଦିନ ଧରି ଫେରାର ଥିଲେ। ପୋଲିସ ସେମାନଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲଣ କରିଛି ।

# ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନାହିଁ

**ନୟାଗଡ଼ ଅଫିସ,୩୦।୭**

- ୧୭ମାସ ବିତିଲା, ପ୍ରଶାସନ ଚୁପ୍
- ଘରୋଇ ଚିକିତ୍ସାଳୟ, ନିଦାନ କେନ୍ଦ୍ର ଉପରେ ଲଗାମ ନାହିଁ


ରାସ୍ତାକଡ଼ରେ ପଡ଼ିଥିବା ଆବର୍ଜନା ।

ଜିଲାର ସମସ୍ତ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ୧୭ ମାସ ବିତି ଯାଇଥିଲେ ମଧ୍ୟ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିନାହିଁ । ଏଭଳିସ୍ଥଳେ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରରେ ଲଗାମ ନ ଥିବାରୁ ସେଠାରେ ବେଆଇନ କାରବାର ବଢ଼ି ଚାଲିଥିବା ଅଭିଯୋଗ ହେଉଛି।

୨୦୨୦ ଫେବୃୟାରୀ ୬ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲାର ସମସ୍ତ ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିଲା। ବିଶେଷକରି ବିଭିନ୍ନ ଅସ୍ତ୍ରୋପଚାର ସମୟରେ ଘରୋଇ ଚିକିତ୍ସାଳୟର ମାଲିକମାନେ ଆବେଦନ ପତ୍ରରେ ଉଲ୍ଲେଖ ଥିବା ନିଶ୍ଚେତକ ଡାକ୍ତର, ସ୍ତ୍ରୀରୋଗ ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଦୈନିକ ଉପସ୍ଥାନ ବାୟୋମେଟ୍ରିକ ବ୍ୟବସ୍ଥା ମାଧ୍ୟମରେ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅଣଦେଖା କଲେ ଖିଲାପକାରୀ ଅନୁଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ରୋକ୍‌ଠୋକ୍ କହିଥିଲେ। ସେହିପରି ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ବର୍ଜ୍ୟବସ୍ତୁ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ୱତ୍ୱାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ମାସିକ ବିବରଣୀ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ବୈଠକ ପରେ କରୋନା କଟକଣା ଯୋଗୁ ସବୁ ନିର୍ଦ୍ଦେଶ ବାଟବଣା ହୋଇଯାଇଛି । ଏପରି କି ଜୈବ୍ୟବସ୍ତୁ ପରିଚାଳନାକୁ ମଧ୍ୟ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହୋଇଛି । ଘରୋଇ ନର୍ସିଂହୋମ ଥିବା ଅଞ୍ଚଳରେ ଅଧିକାଂଶ ରାସ୍ତାଘାଟ ଓ ଡ୍ରେନ ଭିତରେ ବର୍ଜ୍ୟବସ୍ତୁ ପକାଯାଉଛି।

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଓଲ୍ଡ ଟାଉନକୁ ଯିବା ରାସ୍ତାର ଦଳିତସାହି ନିକଟସ୍ଥ ସାଗରୀ ପୋଖରୀ ହୁଡା ସମ୍ମୁଖରେ ସିରିଞ୍ଜ, ଔଷଧ ଖୋଳ ଅଧିକାଂଶ ସମୟ ପଡୁଥିବା ଦେଖିବାକୁ ମିଳୁଛି। ନିକଟରେ ଏକ ଘରୋଇ କ୍ଲିନିକ୍ ରହିଛି। ସଂପୃକ୍ତ କ୍ଲିନିକ୍ ପକ୍ଷରୁ ଏହି ବର୍ଜ୍ୟବସ୍ତୁ ପକାଯାଉଥିବା ଅଭିଯୋଗ ହେଉଥିବାବେଳେ ଏଯାବତ୍ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଜାତୀୟ ରାଜପଥ କଡ଼ରେ ବର୍ଜ୍ୟବସ୍ତୁ ସବୁବେଳେ ଜମା ହୋଇ ରହୁଛି। ଏନେଇ ନୟାଗଡ଼ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ଘରୋଇ ଚିକିତ୍ସାଳୟ ଓ ନିଦାନ କେନ୍ଦ୍ରଗୁଡ଼ିକ ଯେପରି ଠିକ୍ ଭାବେ କାର୍ଯ୍ୟ କରିବେ, ସେନେଇ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି ।

# ୧୮ ମାସ ହେଲା ଉପ ନିବନ୍ଧକଙ୍କ ପଦବୀ ଖାଲି



ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ।

**ଖଣ୍ଡପଡ଼ା,୩୦।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଉପନିବନ୍ଧକଙ୍କ ପଦବୀ ଗତ ୧୮ ମାସ ହେଲା ଖାଲି ପଡିଛି । ଖଣ୍ଡପଡ଼ା ତହସିଲଦାର ପାର୍ଥସାରଥି ହାଁସଦା ଉପନିବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ ମଧ୍ୟ କାର୍ଯ୍ୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ହାଁସଦା ତହସିଲ କାର୍ଯ୍ୟ ସହ ବିଭିନ୍ନ ମଠ ଓ ମନ୍ଦିରର ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାମ କରୁଛନ୍ତି । ଏଥିସହିତ ଉପନିବନ୍ଧକଙ୍କ ଅତିରିକ୍ତ ଦାୟିତ୍ୱ ତୁଲାଉ ଥିବାରୁ ସମସ୍ୟା ସୃଷ୍ଟି ହେଉଛି ।

ଏଥିପାଇଁ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଦଲିଲଗୁଡ଼ିକ ପଡ଼ିରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଜମିବାଡ଼ି ବିକାକିଣାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି।

**କାର୍ଯ୍ୟ ପରିଚାଳନାରେ ଅବ୍ୟବସ୍ଥା**

ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଖଣ୍ଡପଡ଼ା ମୋହରିର ସଂଘ ସଦସ୍ୟମାନେ ଦାବି କରିବା ସହ ଏ ସମ୍ପର୍କରେ ଏକ ଦାବିପତ୍ର ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ମାତ୍ର ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମୋହରିର ସଂଘର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କରୋନା କାଳରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରୁ ଦୈନିକ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ହେଁ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ନିରାଶ ହୋଇ ଘରକୁ ଫେରୁଥିବା ସାର ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଫଟୋରେ ଖବର


ଶୁକ୍ରବାର ଛାତ୍ରୀଛାତ୍ରମାନେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସେଣ୍ଟରରେ ମାଟ୍ରିକ ପରୀକ୍ଷା ଦେଉଛନ୍ତି ।

### ଟ୍ରେନ୍‌ରୁ ଦାଦନ ଶ୍ରମିକଙ୍କ ମୃତଦେହ ଜବତ

**ପାତ୍ରପୁର,୩୦।୭(ଡି.ଏନ.ଏ.)**

ଜରଡ଼ା ଥାନା ସାରଥିଚରଣପୁର ଗ୍ରାମର ବାଗାତି କୈଳାସଙ୍କ ମୃତଦେହ ପୋଲିସ ଟ୍ରେନ୍‌ରୁ ଜବତ କରିଛି। କୈଳାସ ଦାଦନ ଶ୍ରମିକ ଭାବେ ଚେନ୍ନାଇର ଏକ କମ୍ପାନୀରେ କାମ କରୁଥିଲେ। ଗତ ୧୫ ଦିନ ତଳେ ଛୁଟିରେ ସେ ଘରକୁ ଆସିଥିଲେ। ବୁଧବାର ବ୍ରହ୍ମପୁର ଷ୍ଟେଶନରୁ ଚେନ୍ନାଇ ଅଭିମୁଖେ ଏକ ଟ୍ରେନରେ ଯାଉଥିଲେ। ଏହି ସମୟରେ ଟିଟିଆଇ ଆସି ଟିକେଟ ମାଗିଥିଲେ । କିନ୍ତୁ କୈଳାସ କୌଣସି ଉତ୍ତର ନ ଦେବାରୁ ପାଖରେ ବସିଥିବା ଲୋକେ ତାଙ୍କୁ ଉଠେଇବାକୁ ଚେଷ୍ଟା କଲେ ହେଲେ ଉଠି ନ ଥିଲେ । ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା।

# ନୟାଗଡ଼ ଆବର୍ଜନା ପରିଚାଳନା କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା

**ନୟାଗଡ଼ ଅଫିସ,୩୦।୭**

ନୟାଗଡ଼ ସହରର କ୍ଷେତ୍ରୀବରପୁର ଠାରେ କାର୍ଯ୍ୟକ୍ଷମ ଆବର୍ଜନା ପରିଚାଳନା କେନ୍ଦ୍ରକୁ ସରକାର ଆଇଏସ୍‌ଓ ମାନ୍ୟତା ପ୍ରଦାନ କରିଛନ୍ତି। ସହରରୁ ଆବର୍ଜନା ଦୂର କରିବାରେ ନୟାଗଡ଼ ମ୍ୟୁନିସିପାଲିଟି ଠିକ୍ ଢ଼ଙ୍ଗରେ ଏହାକୁ ପରିଚାଳନା କରୁଥିବାରୁ ଏହି ମାନ୍ୟତା ମିଳିଛି ।

ସୂଚନଯୋଗ୍ୟ, କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ର ଓ ଶୁଖିଲା ବର୍ଜ୍ୟବସ୍ତୁ ପୃଥିକିକରଣ କେନ୍ଦ୍ରକୁ ଦୈନିକ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପରିଚାଳନା କରାଯାଉଛି । ସ୍ୱଚ୍ଛ ସାଥି, ପର୍ଯ୍ୟବେକ୍ଷକ ମିଳିତ ଭାବେ କାମ କାରୁଛନ୍ତି । ଗୋଖତ କେଜି ପ୍ରତି ୨୦ ଟଙ୍କା ଦରରେ ଖୋଲା ବଜାରରେ ବିକ୍ରି ହେଉଛି । ଶୁଖିଲା ବର୍ଜ୍ୟବସ୍ତୁ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯାଉଛ ବୋଲି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ପରିମଳ ବିଶେଷଜ୍ଞ ବିବେକାନନ୍ଦ ପ୍ରଧାନ, ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁ ପ୍ରେସ ବିବୃତ୍ତିରେ କହିଛନ୍ତି।

# ପିଲାଙ୍କୁ ଧରି ଥାନା ଆଗରେ ମହିଳାଙ୍କ ଧାରଣା

**ଓଡ଼ଗାଁ, ୩୦।୭ (ସ୍ୱ.ପ୍ର.)**

ଛୋଟଛୋଟ ପିଲାଙ୍କୁ ଧରି ସ୍ଥାନୀୟ କୋମଣ୍ଡ ମକରପଦା ସାହିର ୮ ଜଣ ମହିଳା ନୟାଗଡ଼ ଜିଲା ଆଦର୍ଶ ଥାନା ଆଗରେ ଧାରଣାରେ ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଉପରୋକ୍ତ ସାହିର କେତେଜଣ ବ୍ୟକ୍ତି ସମ୍ପୃକ୍ତା ମହିଳାମାନଙ୍କୁ କୌଣସି କାରଣ ନ ଥାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି । ଏପରି କି ସେମାନଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି । ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସମ୍ପୃକ୍ତା ମହିଳାମାନେ ଥାନା ଆଗରେ ଧାରଣା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି ।

ସୂଚନା ଅନୁଯାୟୀ, ମକରପଦା ସାହିର କେତେକ ବ୍ୟକ୍ତି ସମ୍ପୃକ୍ତା ମହିଳାମାନଙ୍କୁ ଦେଖାଇ ଶିଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ନାନା କଥା କହୁଛନ୍ତି । ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଜୁନରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଦୁଇ ପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶେଷରେ ଏହି ବିବାଦର ସମାଧାନ ପାଇଁ ଚାପ ପଡ଼ିବା ପରେ ଉଭୟ ଗୋଷ୍ଠୀ ସ୍ଥାନୀୟ ଥାନାରେ ମିଳିତ ଭାବେ ରାଜିନାମା ପତ୍ରରେ ଦସ୍ତଖତ କରିଥିଲେ । ଶେଷରେ ଗତମାସ ୨୩ ତାରିଖରେ ସେମାନେ ମାମଲା ପ୍ରତ୍ୟାହାର କରିନେଇଥିଲେ । ହେଲେ ପୁଣି ଥରେ ପୂର୍ବ ଘଟଣାକୁ ନେଇ ସେହି ଗ୍ରାମର ମୁନା ପ୍ରଧାନ ଓ ବୈକୁଣ୍ଠ ବାରିକ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ମହିଳାଙ୍କ ଘର ସାମ୍ନାକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ଜୀବନରେ ମାରିଦେବାକୁ ଧମକ ଦେଇଥିବା ବୁଧବାର ବାସନ୍ତୀ ବେହେରାଙ୍କ ସମେତ ୮ ଜଣ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗର ୨ ଦିନ ପରେ ମଧ୍ୟ ସେମାନେ ପୋଲିସ ପାଖରୁ କୌଣସି ନ୍ୟାୟ ନ ପାଇବାରୁ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନା ଆଗାରେ ଧାରଣାରେ ବସି ରହିଥିଲେ । ସେହି ରାସ୍ତା ଦେଇ ଥାନା ଅଧିକାରିଣୀ ଗାଡ଼ିରେ ଯାତାୟାତ କରୁଥିଲେ ସୁଦ୍ଧା ସେମାନଙ୍କ ଅଭିଯୋଗ ପ୍ରତି କର୍ଣ୍ଣପାତ କରି ନ ଥିବା ଧାରଣା ଦେଇଥିବା ମହିଳାମାନେ ପ୍ରକାଶ କରିଛନ୍ତି । ପୋଲିସର ପ୍ରତିକ୍ରିୟା ପାଇଁ ଫୋନ୍ କରାଯାଇଥିଲା । ହେଲେ ତାଙ୍କ ମତାମତ ମିଳିପାରି ନାହିଁ ।


ପିଲାମାନଙ୍କୁ ଧରି ଥାନା ଆଗରେ ଧାରଣାରେ ବସିଥିବା ମହିଳାମାନେ ।

# ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୟାଗଡ଼ ଅଫିସ, ୩୦।୭**

ସୋର ଓକିଲ ସଂଘର ଓକିଲ ଧୀରେନ୍ଦ୍ର କୁମାର ଦାଶଙ୍କୁ ଘରେ ପଶି ବେଆଇନ ଭାବେ ପୋଲିସ ମାଡ଼ମାରିବା ପ୍ରତିବାଦରେ ଶୁକ୍ରବାର ନୟାଗଡ଼ କୋର୍ଟ କାର୍ଯ୍ୟକୁ ଓକିଲ ସଂଘ ପକ୍ଷରୁ ବର୍ଜନ କରାଯାଇଛି। ମାଡ଼ ମାରିଥିବା ନୟାପଲ୍ଲୀ ଥାନା ପୋଲିସ ଓ ସୋର

**ପୋଲିସ ମାଡ଼ର ପ୍ରତିବାଦ**

ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି କାର୍ଯ୍ୟବନ୍ଦ କରାଯାଇଛି। ଏନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସମ୍ପାଦକ କାଳୁ ଚରଣ ସ୍ୱାଇଁ କହିଛନ୍ତି ।

# ଶିକ୍ଷକ ତାଲିମ ନେଉଥିବା ଛାତ୍ରୀଙ୍କ ଶିକ୍ଷାଦାନ ଯାଞ୍ଚ କଲେ ବିଇଓ

**ଦଶପଲ୍ଲା, ୩୦।୭ (ଡି.ଏନ.ଏ.)**

ନିର୍ଦ୍ଦେଶକ ଶିକ୍ଷକ ତାଲିମ ଏବଂ ଏସ୍‌ସିଇଆରଟିଙ୍କ ପତ୍ରାଙ୍କ ନଂ.୪୩୮୬, ତା୧୩ ।୭।୨୦୨୧ ଅନୁଯାୟୀ ଶିକ୍ଷକ ତାଲିମ ନେଉଥିବା ଛାତ୍ରୀଛାତ୍ରମାନେ କିପରି ଅଭିନବ କୌଶଳ ପ୍ରୟୋଗ କରି ଶିକ୍ଷାଦାନ କରିବେ, ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବାକୁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି ତାଲିମ ନେଉଥିବା ଶିକ୍ଷକମାନଙ୍କ ଦକ୍ଷତା, ସାମର୍ଥ୍ୟ ବୃଦ୍ଧି କରିବା ଦିଗରେ ସହଯୋଗ କରିବାକୁ କୁହାଯାଇଛି । ଶିକ୍ଷାଦାନର ଯାଞ୍ଚ ଓ ପର୍ଯ୍ୟାଲୋଚନା କରି ଦିଗ୍‌ଦର୍ଶନ ଦେବାକୁ ପରାମର୍ଶ ଦିଆଯାଇଛି । ଏହି କ୍ରମରେ ଶୁକ୍ରବାର ଦଶପଲ୍ଲା ବାରପୁରିକିଆ ବିଦ୍ୟାଳୟର ୧୦ ଛାତ୍ରୀଛାତ୍ରଙ୍କୁ ନେଇ ବାଙ୍କୋଇ ସିଟି ସ୍କୁଲ ପ୍ରଥମ ବର୍ଷ ଛାତ୍ରୀ ଦୀପ୍ତିରାଣୀ ଘଡ଼େଇ ଶିକ୍ଷାଦାନ କରିଥିଲେ। ଦଶପଲ୍ଲା ବିଇଓ ପ୍ରଦୀପ୍ତ କୁମାର ବେହେରା, ଏବିଇଓ ବଟକୃଷ୍ଣ ପଣ୍ଡା, ବାରପୁରିକିଆ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ପ୍ରମୁଖ ଉକ୍ତ ପ୍ରକ୍ରିୟାକୁ ଯାଞ୍ଚ କରିଥିଲେ। ଦୀପ୍ତିରାଣୀଙ୍କୁ ଏହି ଅଧିକାରୀମାନେ ବିଭିନ୍ନ ପରାମର୍ଶ ଦେବା ସହ ଶିକ୍ଷାଦାନର ନୂତନ କୌଶଳ ବିଷୟରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସିଆରସିସି ଶଶାଙ୍କଶେଖର ପ୍ରଧାନ । ପୂର୍ବତନ ସିଆରସିସି ବିଜୟ କୁମାର ଘଡ଼େଇ ଉପସ୍ଥିତ ଛାତ୍ର-ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।


ଦିପ୍ତୀରାଣୀଙ୍କ ଶିକ୍ଷାଦାନକୁ ବିଇଓ ଅନୁଧ୍ୟାନ କରୁଛନ୍ତି ।

# ଚାଷୀଙ୍କ କାମରେ ଲାଗୁନାହିଁ ଚେକ୍ ଡ୍ୟାମ୍

**ନୂଆଗାଁ,୩୦।୭ (ଡି.ଏନ.ଏ.)**

- ନିମ୍ନମାନର କାମକୁ ନେଇ ଅସନ୍ତୋଷ
- ନିର୍ମାଣର ୨ ମାସ ପରେ ଭୁଶୁଡ଼ି ପଡ଼ିଲା ସାଇଟ୍ ୱାଲ୍


ଭୁଶୁଡ଼ି ପଡ଼ିଥିବା ସାଇଡ୍ ୱାଲ୍।

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି ଚେକ୍ ଡ୍ୟାମ୍ । କିନ୍ତୁ ସରକାରଙ୍କ ଏହି ଅନୁଦାନରେ ଚାଷୀଙ୍କ ଅପେକ୍ଷା ଠିକାଦାର ଓ ବିଭାଗୀୟ କର୍ମଚାରୀ ଅଧିକ ଲାଭବାନ ହେଉଛନ୍ତି । ଚାଷୀଙ୍କ ଦୁଃଖ ବୁଝୁନାହିଁ କ୍ଷୁଦ୍ର ଜଳସେଚନ ବିଭାଗ । କେତେଜଣ ସରକାରୀ କର୍ମଚାରୀଙ୍କୁ ହାତବାରିସି କରି ହରିଲୁଟ ହେଉଛି ଅନୁଦାନ ।

ଏଠାରେ ନୂଆଗାଁ ନିକଟବର୍ତ୍ତୀ ଝାଲିକିଟି ଚେକ୍‌ଡ୍ୟାମ୍ କାମକୁ ଉଦାହରଣ ଭାବେ ନିଆଯାଇପାରେ । ଉକ୍ତ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨୮ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା । ଟେଣ୍ଡର ପରେ ଅଳ୍ପ କାମ କରି ଠିକାଦାର ଆଉ କାମ କରି ନ ଥିଲେ । ସେହି କାମ ଅତି ନିମ୍ନମାନର ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ । କାମ ବେଳେ ମୁଣ୍ଡା ହୋଇଯାଇଥିବା ସିମେଣ୍ଟ ବ୍ୟବହାର କରାଯାଉଥିଲା । ଅନ୍ୟପକ୍ଷେ କମ୍ ସିମେଣ୍ଟରେ ଅଧିକ ବାଲି ଦେଇ କାମ କରାଯାଉଥିଲା ବୋଲି ବାରମ୍ବାର ଅଭିଯୋଗ ହୋଇଥିଲା । ଏହା ପରେ ଠିକାଦାରଙ୍କ ଆଉ ଦର୍ଶନ ମିଳି ନ ଥିଲା । ଏହାର କିଛିଦିନ ପରେ ପୁଣି କାମ ଆରମ୍ଭ କରାଯାଇଥିଲା । ଠିକାଦାର ଚାଷୀଙ୍କ କଥାକୁ କର୍ଣ୍ଣପାତ ନ କରି ପୁନର୍ବାର ନିମ୍ନମାନର କାମ କରିବାରୁ କଥା ଯାଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପାଖରେ ପହଞ୍ଚିଲା । ବିଧାୟକ ନିର୍ମାଣ ସ୍ଥଳରେ ପହଞ୍ଚି ବିଭାଗୀୟ ଯନ୍ତ୍ରୀ ନିବେଦିତା ନାଥଙ୍କୁ ତାଗିଦ୍ କରିବା ସହ ଠିକ୍ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବି ସାଇଟ୍ ୱାଲ୍ ନିର୍ମାଣ କାମ ନିମ୍ନମାନର ହୋଇଥିଲା । ୨ ମାସ ନ ପୁରୁଣୁ ତାହା ଭାଙ୍ଗିରୁଜି ଭୁଶୁଡ଼ିବା ଅବସ୍ଥାରେ ରହିଛି । କେବଳ ଯେ ନୂଆଗାଁ ଝାଲିକିଟି ଚେକ୍‌ଡ୍ୟାମ୍ ତାହା ନୁହେଁ, ନିର୍ମାଣ କରାଯାଉଥିବା କୌଣସି ଚେକ୍‌ଡ୍ୟାମ୍ ଚାଷୀଙ୍କ କାମରେ ଆସୁ ନ ଥିବା ଦେଖିବାକୁ ମିଳିଛି । କେଉଁ ଚେକ୍‌ଡ୍ୟାମ୍‌ରେ ପାଣି ରହୁନି ତ ଆଉ କେଉଁଠି କାମ ଅଧପନ୍ତରିଆ ଅବସ୍ଥାରେ ରହିଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ନିବେଦିତା ନାଥ କହିଛନ୍ତି, ପୁରୁଣା କାମରୁ ବାହାରିଥିବା ପଥରକୁ ନେଇ ଠିକାଦାର ଅଳ୍ପ ପଥର ପ୍ୟାକିଂ କରିଛନ୍ତି। ସୋମବାର ମୁଁ ଘଟଣାସ୍ଥଳକୁ ଯାଇ କାମ ତଦାରଖ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।